ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK  पर्यवेक्षक

visit us at
www.paryabekhyak.com

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.25 . No.290 Bhubaneswar Wednesday January 04 2023 | ୨୫ତମ ବର୍ଷ | ସଂଖ୍ୟା–୨୯୦ | ଭୁବନେଶ୍ୱର, ବୁଧବାର, ଜାନୁଆରୀ ୦୪, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ–୧.୫୦ | ₹1.50 | (Air Surcharge - 0.50P) | Member-INS

# ରାଜଧାନୀରେ ଦମ୍ ଦେଖାଇଲେ ଅଙ୍ଗନୱାଡ଼ି ଦିଦି, ସରକାରଙ୍କୁ ଦେଲେ ମହଲତ



ଭୁବନେଶ୍ୱର,୩।୧(ପି.ଏନ): ନିଜର ୮ଦଫା ଦାବି ପ୍ରସଙ୍ଗରେ ଗତ ୪୫ ଦିନ ଧରି ବିଧାନସଭା ସମ୍ମୁଖରେ ଅହୋରାତ୍ର ଧାରଣାରେ ବସିଥିବା ଅଙ୍ଗନୱାଡ଼ି କର୍ମୀମାନେ ଆଜି ବିଶାଳ ଶୋଭାଯାତ୍ରା କରି ନିଜର ଶକ୍ତି ପ୍ରଦର୍ଶନ କରିଛନ୍ତି । ତେବେ ମୁଖ୍ୟ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ସହ ଆଲୋଚନା ପରେ ଅଙ୍ଗନୱାଡ଼ି କର୍ମୀମାନେ ନିଜର ଆନ୍ଦୋଳନକୁ ଫେବୃୟାରୀ ୧୫ତାରିଖ ପର୍ଯ୍ୟନ୍ତ ସ୍ଥଗିତ ରଖିଛନ୍ତି । ଫେବୃୟାରୀ ଦ୍ୱିତୀୟ ସପ୍ତାହରେ ସରକାରଙ୍କ ସହ ପୁଣିଥରେ ଆଲୋଚନା କରିବା ନେଇ ସରକାରଙ୍କ ପକ୍ଷରୁ ଲିଖିତ ଭାବେ ଦିଆଯିବା ପରେ ଅଙ୍ଗନୱାଡ଼ି କର୍ମୀମାନେ ନିଜର ଆନ୍ଦୋଳନକୁ ସ୍ଥଗିତ ରଖିଛନ୍ତି । ସୂଚନା ଅନୁସାରେ, ଗତ ୪୫ଦିନ ଧରି ବିଧାନସଭା ସମ୍ମୁଖରେ ଅହୋରାତ୍ର ଧାରଣାରେ ଅଲଓଡିଶା ଅଙ୍ଗନୱାଡ଼ି ଲେଡିଜ୍ ୱାର୍କର୍ସ ଆସୋସିଏସନ୍ ବ୍ୟାନରରେ ବସିଥିବା ଅଙ୍ଗନୱାଡ଼ି କର୍ମୀମାନେ ଆଜି ହଜାର ହଜାର ସଂଖ୍ୟାରେ ଏକଜୁଟ ହୋଇ ନବୀନ ନିବାସ ଘେରାଉ ପାଇଁ ଯାଇଥିଲେ । ମାଷ୍ଟରକ୍ୟାଣ୍ଟିନରୁ ରାଜମହଲ ଛକ ପର୍ଯ୍ୟନ୍ତ ରାସ୍ତାକୁ ସମ୍ପୂର୍ଣ୍ଣ ଭାବେ ଅଙ୍ଗନୱାଡ଼ି କର୍ମୀମାନେ ଦଖଲ କରିନେଇଥିଲେ । ତେବେ ପୁଲିସ ସେମାନଙ୍କୁ ରାଜମହଲ ଛକରେ ଅଟକାଇବା ସହ ସେମାନଙ୍କର ଏକ ପ୍ରତିନିଧି ଦଳ ସଙ୍ଗେ ମୁଖ୍ୟ ସଚିବ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେବାରୁ ଅଙ୍ଗନୱାଡ଼ି କର୍ମୀମାନେ ଧାରଣାସ୍ଥଳକୁ ଫେରିଥିଲେ । ଲୋକସେବା ଭବନରେ ମୁଖ୍ୟ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଏହି ଅଙ୍ଗନୱାଡ଼ି କର୍ମୀମାନଙ୍କ କର୍ମକର୍ତ୍ତାଙ୍କ ସହ ସେମାନଙ୍କର ୮ ଦଫା ଦାବି ପ୍ରସଙ୍ଗରେ ଆଲୋଚନା କରିଥିଲେ । ଆଲୋଚନା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଅଙ୍ଗନୱାଡ଼ି ମହାସଂଘର ପ୍ରତିନିଧି କହିଥିଲେ ଯେ, ମୁଖ୍ୟ ସଚିବଙ୍କ ସହ ସେମାନେ ସମସ୍ତ ୮ଟି ଦାବି ଉପରେ ଆଲୋଚନା କରିଛନ୍ତି । ସେମାନଙ୍କର ଦାବିକୁ ନେଇ ଅନ୍ୟ ବିଭାଗଗୁଡ଼ିକ ସହ ଆଲୋଚନା କରାଯିବ ବୋଲି ମୁଖ୍ୟ ସଚିବ ପ୍ରତିଶ୍ରୁତି ଦେଇଛନ୍ତି । ତେଣୁ ଆନ୍ଦୋଳନକୁ ସାମୟିକ ଭାବେ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନିଆଯାଇଛି । ଫେବୃୟାରୀ ଦ୍ୱିତୀୟ ସପ୍ତାହରେ ମୁଖ୍ୟ ସଚିବ ସେମାନଙ୍କ ସହ ଦରମା ବୃଦ୍ଧି ପ୍ରସଙ୍ଗରେ ଆଲୋଚନା କରିବେ । ଏଥିପାଇଁ ସରକାରଙ୍କ ପକ୍ଷରୁ ଲିଖିତ ଭାବେ ସେମାନଙ୍କୁ ପ୍ରତିଶ୍ରୁତି ଦିଆଯାଇଛି ବୋଲି ସେ କହିଛନ୍ତି । ଯଦି ଫେବୃୟାରୀ ଦ୍ୱିତୀୟ ସପ୍ତାହରେ ସରକାରଙ୍କ ସହ ଆଲୋଚନା ସକରାତ୍ମକ ନହୁଏ ତା'ହେଲେ ପରବର୍ତ୍ତୀ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ସେ ସତର୍କ କରାଇ ଦେଇଛନ୍ତି ।ଭାରତୀୟ ମଜଦୁର ସଂଘ ଦ୍ୱାରା ଅଧିସ୍ୱୀକୃତ ଅଲଓଡିଶା ଅଙ୍ଗନୱାଡ଼ି ଲେଜିଜ ୱାର୍କସ ଆସୋସିଏସନ ପକ୍ଷରୁ ୮ଦଫା ଦାବି ନେଇ ଗତ ୪୫ଦିନ ଧରି ବିଧାନସଭା ସମ୍ମୁଖରେ ଧାରଣା ଦିଆଯାଇଛି । ସରକାରଙ୍କ ସହ ଇତିମଧ୍ୟରେ ୪ଥର ଆଲୋଚନା ହୋଇଥିଲେ ମଧ୍ୟ ତାହା ବିଫଳ ହୋଇଛି । ଆଜି ସେମାନେ ଶାନ୍ତିପୂର୍ଣ୍ଣ ଢଙ୍ଗରେ ନବୀନ ନିବାସ ଘେରାଉ କରିବାକୁ ଯିବାବେଳେ ପୁଲିସ ଅଟକାଇବା ସହ ମୁଖ୍ୟ ସଚିବଙ୍କ ସଙ୍ଗେ ଆଲୋଚନା କରିବା ନିମନ୍ତେ ସେମାନଙ୍କ ପ୍ରତିନିଧି ଦଳକୁ ଲୋକସେବା ଭବନକୁ ନେଇଥିଲା ।ସୂଚନାଯୋଗ୍ୟ, ଅଙ୍ଗନୱାଡ଼ି କର୍ମୀମାନେ ନିଜର ଦରମା ୧୮ହଜାରକୁ ବୃଦ୍ଧି, ଅବସରକାଳୀନ ସୁବିଧା, ୨୦୧୮ରେ ସରକାର ଆକ୍ରୋଶମୂଳକ ପଦକ୍ଷେପ ନେଇ ନିଲମ୍ବିତ କରିଥିବା ୬ଜଣ ଅଙ୍ଗନୱାଡ଼ି କର୍ମୀଙ୍କୁ ପୁନଃ ନିଯୁକ୍ତି ଦେବା, ନୂତନ ଶିକ୍ଷାନୀତି ଅନୁସାରେ ସେମାନଙ୍କୁ ପ୍ରାକ୍ ଶିକ୍ଷକର ମାନ୍ୟତା ଓ ସୁପରଭାଇଜର ପଦବୀକୁ ଶତପ୍ରତିଶତ ପଦୋନ୍ନତିରେ ପୂରଣ କରିବା ଆଦି ୮ଟି ଦାବି ନେଇ ସେମାନେ ବିଧାନସଭା ସମ୍ମୁଖ ଲୋଏର ପିଏମଜିଠାରେ ଧାରଣାରେ ବସିଥିଲେ ।

## ଶିଖରଚଣ୍ଡୀ ମନ୍ଦିର ମାଷ୍ଟରପ୍ଲାନକୁ ମଞ୍ଜୁରୀ, ଖର୍ଚ୍ଚ ହେବ ୨୫କୋଟି



ଭୁବନେଶ୍ୱର,୩।୧(ପି.ଏନ): ରାଜଧାନୀ ଭୁବନେଶ୍ୱରସ୍ଥିତ ଶିଖରଚଣ୍ଡୀ ମନ୍ଦିର ଓ ଏହାର ପରିପାର୍ଶ୍ୱିକ ଅଂଚଳର ଉନ୍ନୟନ ପାଇଁ ପ୍ରସ୍ତୁତ ମାଷ୍ଟରପ୍ଲାନକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ମଞ୍ଜୁରୀ ପ୍ରଦାନ କରିଛନ୍ତି । ୨୫କୋଟି ଟଙ୍କା ବ୍ୟୟରେ ଶିଖରଚଣ୍ଡୀ ମନ୍ଦିର ଓ ତା'ର ପାର୍ଶ୍ୱବର୍ତ୍ତୀ ମୋଟ ୫୩.୬୪ଏକର ଅଂଚଳରେ ଉନ୍ନତିକରଣ କାର୍ଯ୍ୟ ହେବ ।ଆଜି ସନ୍ଧ୍ୟାରେ ଏକ ବୈଠକରେ ବିଡିଏ ଉପାଧକ୍ଷ ବଲବନ୍ତ ସିଂହ ଏଥିପାଇଁ ପ୍ରସ୍ତୁତ ମାଷ୍ଟରପ୍ଲାନକୁ ଉପସ୍ଥାପନ କରିଥିଲେ । ଶିଖରଚଣ୍ଡୀ ମନ୍ଦିର ଓ ଏହାର ପାର୍ଶ୍ୱବର୍ତ୍ତୀ ମୋଟ ୫୩.୬୪ଏକର ଜମିରେ ବିକାଶ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ମାଷ୍ଟରପ୍ଲାନ ଅନୁସାରେ କରାଯିବ ଓ ବିଡିଏ ଏହି ଉନ୍ନୟନ କାର୍ଯ୍ୟ କରିବ । ଭବିଷ୍ୟତରେ ମଧ୍ୟ ଏହି ଅଚଂଳର ପରିଚାଳନା ଦାୟିତ୍ୱ ବିଡିଏ ନେବ । ମାଷ୍ଟରପ୍ଲାନ ଅନୁସାରେ ଏହି ୫୩.୬୪ଏକର ଅଂଚଳକୁ ୪ଟି ଜୋନରେ ବିଭକ୍ତ କରାଯାଇଛି । ପ୍ରଥମ ଜୋନରେ ପାର୍କିଂ, ସାଧାରଣ ଲୋକଙ୍କ କ୍ରୀଡା ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ପାଇଁ ସ୍ଥାନର ଉନ୍ନତିକରଣ ଓ ଅନ୍ୟାନ୍ୟ ସୁବିଧାର ବିକାଶ କରାଯିବ । ଦ୍ୱିତୀୟ ଜୋନରେ ଭିୟୁ ପଂଏଟ ଓ ଟ୍ରେକିଂ ରୁଟ୍ ରହିବ । ଜୋନ୍ ୩ ଓ ୪ରେ ମନୋରଞ୍ଜନ ମୂଳକ କାର୍ଯ୍ୟ ପାଇଁ ଭିତ୍ତିଭୂମି, କମ୍ୟୁନିଟି ସେଂଟର, ମୁଖ୍ୟ ମନ୍ଦିରର ଉନ୍ନତିକରଣ, ଦୋକାନ ଗୃହ ଓ ଅନ୍ୟାନ୍ୟ ସୁବିଧାର ବ୍ୟବସ୍ଥା ଗ୍ରହଣ କରାଯିବ ।ଆଜିର ଏହି ବୈଠକରେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ଶିଖରଚଣ୍ଡୀ ଆଂଚଳିକ ସେବା ସଂଘର ସଭାପତି କ୍ଷୀତିଶ ତ୍ରିପାଠୀ ଓ ମନ୍ଦିର ପୂଜକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଭୁବନେଶ୍ୱର ମେୟର ସୁଲୋଚନା ଦାସଙ୍କ ସମେତ ମୁଖ୍ୟ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଉନ୍ନୟନ କମିଶନର ପିକେ ଜେନାଙ୍କ ସମେତ ବିଭିନ୍ନ ପ୍ରମୁଖ ସଚିବ ସାମିଲ ହୋଇଥିଲେ ।ସୂଚନାଯୋଗ୍ୟ, ଗତ କିଛିଦିନ ତଳେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭିକେ ପାଣ୍ଡିଆନ ଶିଖରଚଣ୍ଡୀ ମନ୍ଦିର ପରିଦର୍ଶନ କରିବା ପରେ ଏହାର ମାଷ୍ଟରପ୍ଲାନ ପ୍ରସ୍ତୁତ କରିବାକୁ ବିଡିଏକୁ ନିର୍ଦ୍ଦେଶ ଦେଇଥିଲେ ।

## ୬ରୁ ଖୋଲିବ ସର୍ବସାଧାରଣଙ୍କ ପାଇଁ ରାଜଭବନ ଉଦ୍ୟାନ

ଭୁବନେଶ୍ୱର, ୩।୧(ପି.ଏନ): ଆସନ୍ତା ଜାନୁଆରୀ ୬ ରୁ ୨୦ ତାରିଖ ପର୍ଯ୍ୟନ୍ତ ରାଜଭବନ ଉଦ୍ୟାନ ସର୍ବସାଧାରଣଙ୍କ ପାଇଁ ଖୋଲା ରହିବ। ଛୁଟିଦିନ ଓ ପ୍ରତ୍ୟେକ ରବିବାର ସମେତ ପ୍ରତ୍ୟେକ ଦିନ ଅପରାହ୍ଣର ୨.୩୦ଟାରୁ ୫ଟା ପର୍ଯ୍ୟନ୍ତ ସର୍ବସାଧାରଣ ଉଦ୍ୟାନ ପରିଦର୍ଶନ କରିପାରିବେ। କେବଳ ମୋବାଇଲ ଆପ୍ ମାଧ୍ୟମରେ ପଞ୍ଜୀକରଣ କରି ରାଜଭବନ ଉଦ୍ୟାନକୁ ପ୍ରବେଶ ଅନୁମତି ମିଳିବ। ଚଳିତ ବର୍ଷଠାରୁ ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହେଉଛି । ଏହି ଉଦ୍ୟାନ ଆପ୍ କୁ "ରାଜ୍ ଭବନ ଗାର୍ଡ଼େନ ଭିଜିଟ୍" ପ୍ଲେ ଷ୍ଟୋରରୁ ଡ଼ାଉନଲୋଡ଼ କରିବାକୁ ହେବ। ଏଥିସହ ଓଡ଼ିଶା ରାଜଭବନ ୱେବସାଇଟରେ ଥିବା କ୍ୟୁଆର କୋଡ଼କୁ ମଧ୍ୟ ସ୍କାନ କରି ଆପ୍ ଡ଼ାଉନଲୋଡ଼ କରିହେବ। ସ୍କୁଲ ଛାତ୍ରଛାତ୍ରୀମାନଙ୍କ ପାଇଁ ସକାଳ (୮.୩୦ଟାରୁ ୧୦ଟା) ସମୟ ସ୍ଥିର ହୋଇଛି। ସ୍କୁଲ କର୍ତ୍ତୃପକ୍ଷ ଅଧିକ ବିବରଣୀ ପାଇଁ ଡବ୍ଲୁଡବ୍ଲୁଡବ୍ଲୁ.ରାଜଭବନଓଡିଶା.ଜିଓଭି.ଇନ୍ ପରିଦର୍ଶନ କରିପାରିବେ। ଯେଉଁମାନଙ୍କର ସ୍ମାର୍ଟ ଫୋନ୍ ନାହିଁ ବା ରେଜିଷ୍ଟ୍ରେସନ୍ କରିବାରେ ଅସୁବିଧାର ସମ୍ମୁଖୀନ ହେବେ ସେମାନେ ରାଜଭବନ ଫାଟକ ପାଖରେ ସ୍ଥାପିତ କିଓସ୍କରର ସହାୟତା ନେଇପାରିବେ। ରାଜଭବନ ପରିସରରେ ୱାଟର ଫାଉଂଟେନ୍, ମ୍ୟୁଜିକାଲ ଫାଉଂଟେନ୍ ,ଭାରତମାତାଙ୍କ ମୂର୍ତ୍ତି, ନୂତନ ଭାବେ ସ୍ଥାପିତ ଶୀଳାଉପବନ, ଗୋଲାପ ଉଦ୍ୟାନ , ହରିଣ ପାର୍କ, ମୟୂର, ବତକ , କକ୍ଟେଲେ ପକ୍ଷୀଘର, କୃତ୍ରିମ ଝରଣା ସହ ବିଭନ୍ନ ପ୍ରକାର ପୁଷ୍ପ ଓ ସବୁଜ ପରିବେଶ ପରିଦର୍ଶକମାନେ ଉପଭୋଗ କରିପାରିବେ। ରାଜଭବନ ପରିସରକୁ ଖାଦ୍ୟଦ୍ରବ୍ୟ ଓ ଅନ୍ୟ ଆପତିଜନକ ସାମଗ୍ରୀ ନ ଆଣିବା ସହ ସ୍ୱଚ୍ଛତା ଓ ଶୃଙ୍ଖଳା ରକ୍ଷା କରିବାକୁ ରାଜଭବନପକ୍ଷରୁ ପରାମର୍ଶ ଦିଆଯାଉଛି।

## ନକଲି ମଦ ଫ୍ୟାକ୍ଟ୍ରି ଠାବ : ବିଜେଡ଼ି ଜିଲ୍ଲା ପରିଷଦ ସଭ୍ୟଙ୍କ ସମେତ ୩ ଗିରଫ

ଭୁବନ, ୩।୧(ପି.ଏନ): ଢେଙ୍କାନାଳ ଜିଲ୍ଲା ୨୩ ନଂ ଜୋନ୍ ର ବିଜେଡ଼ି ଜିଲ୍ଲା ପରିଷଦ ସଭ୍ୟ ସୁବାଷ ମାଝୀଙ୍କ ଭୁବନ ଥାନା ଅନ୍ତର୍ଗତ ଏକତାଳି ସ୍ଥିତ ଗାଁ ଘରେ ନକଲି ମଦ ଫ୍ୟାକ୍ଟ୍ରି ଠାବ ହୋଇଛି । ଘଟଣାରେ ତାଙ୍କୁ ଗିରଫ କରାଯାଇଛି । ଏଥିରେ ସମ୍ପୃକ୍ତି ଅଭିଯୋଗରେ ଯାଜପୁର ଜଖପୁରା ଥାନାର କନଷ୍ଟେବଳ ସୁଶାନ୍ତ ଦଳେଇଙ୍କୁ ଗିରଫ କରିଛି ଅବକାରୀ ସ୍କ୍ୱାଡ୍ । ଘଟଣାରେ ଭୁବନ ମୃଦଙ୍ଗା ଗ୍ରାମର ଅରବିନ୍ଦ ଦାସଙ୍କୁ ମଧ୍ୟ ଗିରଫ କରାଯାଇଛି ।

ଗତକାଲି ରାତିରେ ଏହି ଚଢ଼ଉ ହୋଇଛି । ଚଢ଼ଉ ବେଳେ ଘଟଣାସ୍ଥଳରୁ ନକଲି ବିଦେଶୀ ମଦ ସହ ଅନ୍ୟ କିଛି ସାମଗ୍ରୀକୁ ଜବତ କରିଛି ଅବକାରୀ ସ୍କ୍ୱାଡ୍ । ବିଭାଗ ପକ୍ଷରୁ ଏନେଇ ଅଧିକ ତଦନ୍ତ ଜାରୀ ରହିଛି ।

## ଆବଶ୍ୟକ ହେଲେ ରୁଷୀୟ ମୁଖ୍ୟଯନ୍ତ୍ରୀଙ୍କ ମୃତ୍ୟୁ ଘଟଣାର କ୍ରାଇମବ୍ରାଂଚ ତଦନ୍ତ କରାଯିବ : ପୁଲିସ ଡିଜି

ଭୁବନେଶ୍ୱର, ୩।୧(ପି.ଏନ): ପାରାଦୀପ ବନ୍ଦର ନିଷିଦ୍ଧାଂଚଳ ଜଣେ ରୁଷୀୟ ମୁଖ୍ୟଯନ୍ତ୍ରୀଙ୍କର ମୃତ୍ୟୁ ଘଟଣାକୁ ନେଇ ପୁଲିସ ମହାନିର୍ଦ୍ଦେଶକ ସୁନୀଲ ବଂସଲ ପ୍ରତିକ୍ରିୟା ଦେଇଛନ୍ତି। ସେ କହିଛନ୍ତି ଯେ ସଂପୃକ୍ତ ମୁଖ୍ୟ ଇଂଜିନିୟରଙ୍କ ମୃତଦେହ ମିଳିଛି। ଘଟଣା ପଛରେ ଷଡ଼ଯନ୍ତ୍ର ଅଛି କି ନାହିଁ ଜଣାପଡ଼ିନି। ଏନେଇ, ଅଧିକ ତଦନ୍ତ ଚାଲିଛି। ଆବଶ୍ୟକତା ପଡ଼ିଲେ କ୍ରାଇମବ୍ରାଂଚ ତଦନ୍ତ କରାଯିବ।

## ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ବର୍ଷେ ଯାଏଁ ମାଗଣାରେ ମିଳିବ ଚାଉଳ

ଭୁବନେଶ୍ୱର, ୩।୧(ପି.ଏନ): ରାଜ୍ୟ ସରକାର ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଆଉ ବର୍ଷେ ପର୍ଯ୍ୟନ୍ତ ମାଗଣାରେ ଚାଉଳ ଦେବେ । ଏହି ଯୋଜନାର ହିତାଧିକାରୀ ମାନଙ୍କୁ ମାସକୁ ୫ କିଲୋ ଲେଖାଏଁ ଚାଉଳ ଯୋଗାଇଦେବେ। । ୨୦୨୩ ଜାନୁଆରି ଠାରୁ ଡିସେମ୍ବର ଯାଏଁ ଏହି ମାଗଣା ଚାଉଳ ମିଳିବ। ମାଗଣା ଚାଉଳ ମିଳିବା ନେଇ ଘୋଷଣା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି।

## ମାସେ ପାଇଁ ଭୁବନେଶ୍ୱରରେ ନିର୍ମାଣ କାର୍ଯ୍ୟ ମନା



ଭୁବନେଶ୍ୱର ,୩।୧(ପି.ଏନ): ଚଳିତ ମାସରେ ଓଡିଶାରେ ହେବ ହକି ବିଶ୍ୱକପ୍ ?। ଭୁବନେଶ୍ୱର ଓ ରାଉରକେଲାରେ ମ୍ୟାଚ୍ ଗୁଡ଼ିକ ଖେଳାଯିବ। ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲିଛି। ତା'ମଧ୍ୟରେ ମଙ୍ଗଳବାର ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କର୍ତ୍ତୃପକ୍ଷ ମାସେ ପାଇଁ ଭୁବନେଶ୍ୱରରେ ନିର୍ମାଣ କାର୍ଯ୍ୟ ଉପରେ ରୋକ୍ ଲଗାଇଛନ୍ତି। ହକି ବିଶ୍ୱକପ୍ ପାଇଁ ବିଏମ୍‌ସି ଏହି କଟକଣା ଜାରି କରିଛି। ମାସକ ପାଇଁ ସହରରେ ଆବଶ୍ୟକତା ନଥିଲେ କୌଣସି ନିର୍ମାଣ କାର୍ଯ୍ୟ ନକରିବାକୁ ବିଏମ୍‌ସି ପକ୍ଷରୁ ପରାମର୍ଶ ଦିଆଯାଇଛି। ଅଯଥାରେ ନିର୍ମାଣ ନାଁରେ ରାସ୍ତାଘାଟ ଖୋଳିବା ଉପରେ ବିଏମ୍‌ସି କଟକଣା ଲଗାଇଛି। ଏନେଇ ସମସ୍ତ ଏଜେନ୍ସି ସହ ବିଏମ୍‌ସି ଆଲୋଚନା କରିଛି ।ଏହାସହ ଭୁବନେଶ୍ୱର ସହରର ସମସ୍ତ ଛୋଟ ବଡ଼ ମାର୍କେଟକୁ କିଭଳି ସୁସଜ୍ଜିତ କରାଯିବ, ସେନେଇ ସମସ୍ତ ମାର୍କେଟ ସଂଘ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଛନ୍ତି ବିଏମ୍‌ସି କର୍ତ୍ତୃପକ୍ଷ। ହକି ବିଶ୍ୱକପ୍ ପୂର୍ବରୁ ଭୁବନେଶ୍ୱରର ପ୍ରମୁଖ ରାସ୍ତାର ଉଭୟ ପାର୍ଶ୍ୱକୁ ହୋର୍ଡିଂ ମୁକ୍ତ କରିବାକୁ ବିଜ୍ଞପ୍ତି ପ୍ରକାଶ କରିଛି ବିଏମସି ।ସେହିଭଳି ପ୍ରମୁଖ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ବ୍ୟବସାୟିକ ଓ ଘରୋଇ ପ୍ରତିଷ୍ଠାନ ଏବଂ ଗୃହକୁ ଆଲୋକରେ ସୁସଜ୍ଜିତ କରିବାକୁ ଲୋକଙ୍କୁ ବିଏମ୍‌ସି ପକ୍ଷରୁ ଆହ୍ୱାନ କରାଯାଇଛି ।ସୂଚନାଯୋଗ୍ୟ, ହକି ହବିଶ୍ୱକପ୍ ଲାଗି ପୂର୍ବରୁ ରାଉରକେଲାରେ ଥିବା ୨୨ଟି ସ୍ପଞ୍ଜ ଆଇରନ୍ କାରଖାନାକୁ ମାସକ ପାଇଁ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ। ଜାନୁଆରୀ ୧୩ ତାରିଖରୁ ହକି ବିଶ୍ୱକପ୍ ଆରମ୍ଭ ହେଉଥିବା ବେଳେ ଏହା ଜାନୁଆରୀ ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ।

## ଦିନକ ପରେ ଓଡିଶାବାସୀ ପାଇବେ ୫–ଏ ସେବା



ଭୁବନେଶ୍ୱର,୩।୧(ପି.ଏନ): ଓଡିଶାବାସୀ ପାଇବେ ୫–ଏ ସେବା। ଦିନକ ପରେ ଭୁବନେଶ୍ୱରରୁ ଏହି ସେବାକୁ ଲଞ୍ଚ କରିବେ କେନ୍ଦ୍ର ଆଇଟି ଓ ଯୋଗାଯୋଗ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ସରିଛି। ଓଡ଼ିଶାରେ ଦୁଇ ଟେଲିକମ୍ ? ଅପରେଟର ରିଲାଏନ୍ସ ଜିଓ ଓ ଏୟାରଟେଲକୁ ମିଳିଛି ଅନୁମତି। ସେଥିପାଇଁ ଅଟୋମେଟିକ ନେଟୱର୍କ ପ୍ରସ୍ତୁତି ଶେଷ କରିଛନ୍ତି ଏହି ଦୁଇ କମ୍ପାନୀ। ଏଥିସହ ବର୍ତ୍ତମାନ ସୁଦ୍ଧା ୫୧୦ଟି ବିଟିଏସ୍ ? (ବୋର୍ଡ ଟ୍ରାନ୍ସିଭର ଷ୍ଟେସନ) ଲଗାଯାଇଛି। ପ୍ରଥମେ ରାଜ୍ୟର ମୁଖ୍ୟ ସହରବାସୀ ୫–ଏ ସେବା ପାଇବେ। ଧୀରେ ଧୀରେ ଗ୍ରାମାଞ୍ଚଳଗୁଡ଼ିକ ମଧ୍ୟ ୫ ଜି ନେଟୱର୍କ ସହ ଯୋଡ଼ି ହେବ ।ଅକ୍ଟୋବର ୧ ତାରିଖରେ ଦେଶରେ ଲଞ୍ଚ ହୋଇଥିଲା ୫–ଏ ସେବା। ଦେଶର ୧୩ ସହରରେ ଏହି ସେବା ଲଞ୍ଚ ହୋଇଥିଲା। ହେଲେ ଏଥିରେ ଓଡ଼ିଶାର କୌଣସି ସହର ନଥିଲେ ମଧ୍ୟ ରାଷ୍ଟ୍ରପତିଙ୍କ ଗାଁ ମୟୂରଭଞ୍ଜର ପାହାଡପୁର ବାସିନ୍ଦା ପାଇଥିଲେ ଏହି ସେବାର ଅନୁଭୂତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଫାଇଭ୍–ଜି ନେଟୱର୍କ ସହାୟତାରେ ଯୋଡି ହେଇଥିଲେ ସ୍କୁଲର ଛାତ୍ରଛାତ୍ରୀ। ତେବେ ଇଣ୍ଟରନେଟ ଦୁନିଆରେ ବୈପବ୍ଲିକ ପରିବର୍ତ୍ତନ ଆଣୁଥିବା ଫାଇଭ୍–ଜି ନେଟୱର୍କ ମିଳିଲେ ଓଡିଶାବାସୀ ଅନେକ ଫାଇଦା ପାଇବେ। ଫୋର୍–ଜି ତୁଳନାରେ ୧୦ ଗୁଣ ଅଧିକ ରହିବ ୫ଜି ଇଣ୍ଟରନେଟ ସ୍ପିଡ୍ ?। ଆଖି ପିଛୁଳାକେ ଡାଉନଲୋଡିଂ ହେବ। ଆଉ ବିଜୁଳି ବେଗରେ ସର୍ଫିଂ ହେବ। ବିଶେଷ କରି ଓଡ଼ିଶାର ଗ୍ରାମାଞ୍ଚଳ ଗୁଡିକରେ ଅନେକ ସୁବିଧା ମିଳିପାରିବ। ଶିକ୍ଷା, ସ୍ୱାସ୍ଥ୍ୟ, ନିର୍ମାଣ, ବ୍ୟାଙ୍କିଂ ସବୁ କ୍ଷେତ୍ରରେ ପରିବର୍ତ୍ତନ ଆସିବ ବୋଲି ଟେଲିକମ୍ ? ବିଶେଷଜ୍ଞ ନବ କିଶୋର ମହାରଣା ମତ ରଖିଛନ୍ତି ।ଆସନ୍ତା ୫ ତାରିଖରେ ଓଡିଶାରେ ଲଞ୍ଚ ହେବ ୫–ଏ ସେବା। ଏହା ନିଶ୍ଚିତ ଖୁସିର କଥା। ହେଲେ ଆଜି ମଧ୍ୟ ଓଡିଶାର ସ୍ୱାଭିମାନ ଅଞ୍ଚଳରେ ଅପହଞ୍ଚ ହୋଇଛି ଇଣ୍ଟରନେଟ୍। ଏହାଛଡା ଅନେକ ଅଞ୍ଚଳରେ ଠିକରେ ଫୋର୍ ?–ଜି ଆସୁନି। ଏମିତି ସ୍ଥିତିରେ ଓଡିଶାରେ ଫାଇଭ୍–ଜି ସେବା କେତେ ସଫଳ ହେଉଛି, ତା ଉପରେ ସମସ୍ତଙ୍କର ନଜର ରହିଛି।

## କାଗଜ କଳ ଅବସରପ୍ରାପ୍ତ ଶ୍ରମିକଙ୍କ ପ୍ରତୀକାତ୍ମକ ଦଣ୍ଡାୟମାନ ଧାରଣା ଆରମ୍ଭ

ଜୟପୁର, ୩।୧(ପି.ଏନ): ଆଜି ଠାରୁ କାଗଜ କଳ ଅବସରପ୍ରାପ୍ତ ଶ୍ରମିକଙ୍କ ପକ୍ଷରୁ ୟୁନିଟ୍ ହେଡ୍ ଙ୍କ ବାସଭବନ ସମ୍ମୁଖରେ ପ୍ରତୀକାତ୍ମକ ଦଣ୍ଡାୟମାନ ଧାରଣା ଆରମ୍ଭ ହୋଇଛି । ଶ୍ରମିକ ମାନେ ସେମାନଙ୍କ ବକେୟା ପାଉଣାରୁ ପ୍ରତି ମାସରେ କିଛି ଅଂଶ ଦେବାପାଇଁ ଦାବି କରି ଗତ ସେପଟ୍ଟେମ୍ବର – ୨୦ ରେ ଧାରଣା ଆରମ୍ଭ କରିଥିଲେ ଏବଂ ସେଦିନ ୟୁନିଟ୍ ହେଡ୍ କହିଥିଲେ ଯେଉଁ ମାନଙ୍କୁ ନିଯୁକ୍ତି ଦିଆଯାଇନାହିଁ, ଯେଉଁମାନେ ଗାଁ କୁ ଚାଲିଗଲେ ଘରଭଡ଼ା ଦେଇନପାରି ଏବଂ ଯେଉଁ ଶ୍ରମିକ ମାନେ ମରିଯାଇଛନ୍ତି ସେମାନଙ୍କ ପରିବାରକୁ କିଛି ନା କିଛି ଦିଆଯିବ । କିନ୍ତୁ, କେବଳ ଦଶହରା ସମୟରେ ୯,୦୦୦ ଟଙ୍କା ଦେଲେ ଏବଂ ତାପରେ ଆଉ କିଛି ନାହିଁ । ୨୦୨୦ ମସିହାରୁ ଯେଉଁମାନେ ଅବସର ନେଲେଣି ସେମାନେ ପି ଏଫ୍ କି ପେନସନ ପାଇପାରି ନାହାଁନ୍ତି। ବହୁ ଦାବି ପରେ ବକେୟା ପାଉଣା, ଗ୍ରାଚ୍ୟୁଇଟି କେତେ ପାଇବେ ତାର ହିସାବ ଦେଲେ କିନ୍ତୁ ସର୍ତ୍ତ ହେଉଛି ୫,୫୦୦ ମେଟ୍ରିକ୍ ଟନ୍ ଉତ୍ପାଦନ ହେଲେ ବକେୟା ପାଉଣା ଦିଆଯିବ । ଏପଟେ କଂଚାମାଲ, କୋଇଲା, କେମିକାଲ ଅଭାବରୁ ମାସ ମାସ ଧରି କାରଖାନା ବନ୍ଦ ରହୁଛି ।ପ୍ରକାଶଯୋଗ୍ୟ ଯେ, ୨୦୨୦ ଫେବୃଆରୀ – ୨୬ ତାରିଖରେ ବିଜିପିପିଏଲ୍ ଓ ଏମ୍ଇଆରପିଏଲ୍ ମଧ୍ୟରେ ହରିଆନା ସରକାରଙ୍କ ଷ୍ଟାମ୍ପ ପେପର୍ ରେ ଦ୍ୱିପାକ୍ଷିକ ବିଜିନେସ୍ ଟ୍ରାନ୍ସଫର୍ ଏଗ୍ରିମେଂଟ ଦସ୍ତଖତ ହୋଇଛି ଏବଂ ତାରି ଆଧାରରେ ନୂଆ କମ୍ପାନୀ ମଦର ଆର୍ଥ୍ ରିସୋର୍ସ ପ୍ରାଇଭେଟ୍ ଲିମିଟେଡ ଇଣ୍ଡସ୍ ଇଣ୍ଡ୍ ବ୍ୟାଙ୍କ ରୁ ୧୫୦ କୋଟି ଟଙ୍କା ଋଣ ନେଇଛି । ସେଥିରୁ ୧୦୦ କୋଟି ଟଙ୍କା ପୁରୁଣା ବିଜିପିପିଏଲ୍ ମୁଖ୍ୟ ଗୌତମ ଥାପରଙ୍କୁ ଦେଇଛି ବୋଲି ୨୦୨୨ ମାର୍ଚ୍ଚ ମାସରେ ନୂଆ ମ୍ୟାନେଜମେଂଟ ମୁଖିଆ ମାନେ ୟୁନିଅନ ମାନଙ୍କ ମିଟିଂ ରେ କହିଲା ପରେ ସମସ୍ତେ ଜାଣିଲେ ଯେ ଏମାନେ ଯେଉଁ କମ୍ପାନୀ ବାବଦରେ ଟଙ୍କା ନେଇ ପକେଟ୍ ଗରମ କଲେ ସେଠାର ଶ୍ରମିକ ମାନଙ୍କୁ ଟଙ୍କାଟିଏ ବି ଦେଲେନି । ବ୍ୟାଙ୍କ ତାଗିଦ୍ କରିବା ପରେ ନୂଆ କମ୍ପାନୀ ଓଡ଼ିଶା ସରକାରଙ୍କ ପାଖରେ ଏନ୍ ଓ ସି ଦେବା ପାଇଁ ଦରଖାସ୍ତ କଲେ । କମ୍ପାନୀ କିଣା ବିକା ସମ୍ବନ୍ଧୀୟ କାଗଜ ପତ୍ର ଶ୍ରମିକ ମାନଙ୍କୁ କେବେ ଦେଖାଇଲେ ନାହିଁ, ବହୁ ଦାବି ପରେ ଶ୍ରମ ବିଭାଗ ଜରିଆରେ ବିଟିଏ ସମ୍ବନ୍ଧୀତ ବୁଝାମଣା ପତ୍ର ଦେଲେ । ଏନ୍ ଓ ସି ଦେବା ପୂର୍ବରୁ ୟୁନିଅନ ମାନେ ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବଙ୍କୁ ଶ୍ରମିକ ମାନଙ୍କ ବକେୟା ପାଉଣା ଏବଂ ଚାକିରୀ ସର୍ତ୍ତାବଳୀ, ପି ଏଫ୍, ଇ ଏସ୍ ଆଇ କଥା ଲେଖି ଦେଇଥିଲେ । ରାଜ୍ୟ ସରକାର ମଧ୍ୟ ୟୁନିଅନ ମାନଙ୍କ ଦରଖାସ୍ତକୁ ଅଣଦେଖା କଲେ, ଯଦିଓ ଆଗରୁ ୟୁନିଅନ ଓ ମ୍ୟାନେଜମେଂଟ ସହ ଶିଳ୍ପ ମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ୨୦୧୭ – ୧୮ ମଧ୍ୟରେ ବୈଠକ ଅନୁଷ୍ଠିତ ହୋଇଥିଲା। ଇତିମଧ୍ୟରେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ ଅବସରପ୍ରାପ୍ତ ଶ୍ରମିକ ଓ ସଂଗଠନ ମାନେ। ଜିଲ୍ଲାପାଳ ପି ଏଫ୍ କମିଶନରଙ୍କୁ ଡକେଇ ନଭେମ୍ବର – ୧୧,୨୦୨୨ ରେ ମିଟିଂ କରିଛନ୍ତି ଏବଂ ମାର୍ଚ୍ଚ ମାସ ପିଏଫ୍ ପାଉଣା ସମସ୍ୟା ସମାଧାନ ହୋଇଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ପୂନର୍ବାର ନଭେମ୍ବର ୧୭ ତାରିଖରେ ଜିଲ୍ଲାପାଳଙ୍କୁ ଭେଟିଥିଲେ । ସେ ନିଜେ କହିଥିଲେ ଯେ, ଯେହେତୁ ଦୁଇଟି ଯାକ ମେସିନ୍ ଚାଲିଲାଣି ପୁରା ଦରମା ଦେବା ଓ ଅନ୍ୟାନ୍ୟ ବିଷୟ ସମାଧାନ ପାଇଁ ମୁଁ ନିଜେ ସବୁ ପକ୍ଷକୁ ଡକେଇବି । ଜିଲ୍ଲାପାଳ ଡିସେମ୍ବର – ୯ ତାରିଖରେ ସବୁ ପକ୍ଷଙ୍କୁ ଚିଠି କରି ମିଟିଂ ଡକେଇ ଥିଲେ । କିନ୍ତୁ, ହଠାତ୍ ୭ ତାରିଖରେ ମିଟିଂ କୁ ସ୍ଥଗିତ ରଖାଗଲା ବୋଲି ଶ୍ରମ ଅଧିକାରୀଙ୍କ ଜରିଆରେ ଚିଠି କଲେ । କୋରାପୁଟ ପରବ ମହୋତ୍ସବ ପାଇଁ ବ୍ୟସ୍ତ ଥିବା ଏବଂ ପରେ ଡକେଇବା ପାଇଁ ଅବଶ୍ୟ କହିଥିଲେ । କିନ୍ତୁ, କାରଣ ଆଜି ବି ଅସ୍ପଷ୍ଟ ଯେ କେଉଁ କାରଣରୁ ମିଟିଂ ବନ୍ଦ ହେଲା ଆଉ କାହିଁକି ଜିଲ୍ଲାପାଳ ପୁନର୍ବାର ମିଟିଂ ଡାକୁ ନାହାଁନ୍ତି ? ମ୍ୟାନେଜମେଂଟ ଅତି ଚତୁରତାର ସହ ସବୁଠି କହୁଛି ଯେ ସେମାନେ ଅବସରପ୍ରାପ୍ତ ଶ୍ରମିକ ମାନଙ୍କୁ ନିଯୁକ୍ତି ଦେଉଛନ୍ତି। ହେଲେ ଆଜିକୁ ତିନି ମାସ ହେଲା ଯେଉଁ ମାନଙ୍କୁ ଡ୍ୟୁଟି ଦେଇଛି ସେମାନଙ୍କୁ ଦରମା ମିଳିନି । ସ୍ଥାୟୀ ଶ୍ରମିକ, ଠିକା ଶ୍ରମିକ, ସେକ୍ୟୁରିଟୀ ଗାର୍ଡ ଏବଂ ଅଫିସର୍ ମାନେ ମଧ୍ୟ ଦରମା ପାଇନାହାନ୍ତି । କିଭଳି ପରିବାର ନେଇ ଚଳିବେ କେହି ବୁଝିବାକୁ ନାହିଁ । ଦାବି କଲେ କୁହାଯାଉଛି ' ବନ୍ଦ କରନା ହୈ ତୋ କରୋ ' । ଶ୍ରମିକ ମାନେ ମୁହଁରେ ତୁଣ୍ଡି ବାନ୍ଧି ରହିବା ଛଡା ଅନ୍ୟ ଉପାୟ ନାହିଁ । ଏପଟେ ଶ୍ରମିକ ମାନଙ୍କ ଚାକିରି ସର୍ତ୍ତାବଳୀ କାଟି ଦେଉଛି, ଶ୍ରମ ବିଭାଗ ମିଟିଂ ଡାକି ସମାଧାନ କରିବା ପାଇଁ ମଧ୍ୟ ଉଦ୍ୟମ କରୁନି । ସରକାର ଏ କମ୍ପାନୀ କୁ ଏନ୍ ଓ ସି ଦେଲେ କାରଖାନା ଚାଲିବ ବୋଲି । କାରଖାନା କ'ଣ ଶ୍ରମିକ ମାନଙ୍କ ପେଟକୁ ମାରି ଚାଲିବ କି ବୋଲି ଶ୍ରମିକ ନେତା ପ୍ରମୋଦ କୁମାର ମହାନ୍ତି ପ୍ରଶ୍ନ କରିଛନ୍ତି । ଓଡ଼ିଶାର ଏକ ରୁଗଣ କାରଖାନାକୁ ବିକାକିଣା କରି ଅର୍ଥ ହେରଫେର ହେଇଗଲା ସମସ୍ତଙ୍କ ଆଖି ଆଗରେ, କେହି କିଛି କରି ପାରିଲେ ନାହିଁ ? ଏ ପ୍ରଶ୍ନ ଆଜି ସାଧାରଣରେ ଚର୍ଚ୍ଚା ହେଉଛି । କାଗଜ କଳକୁ ସ୍ୱାଭାବିକ ଭାବେ ଚଳେଇବା ଓ ଶ୍ରମିକ ମାନଙ୍କ ସମସ୍ୟା ସମାଧାନ ପାଇଁ ଆଗକୁ ଆନ୍ଦୋଳନ ଜୋରଦାର ହେବ ଏବଂ ଓଡ଼ିଶା ସରକାରଙ୍କ ଅପାରଗତାକୁ ପଦାରେ ପକାଯିବ ବୋଲି ପ୍ରମୋଦ ମହାନ୍ତି ସୂଚନା ଦେଇଛନ୍ତି । ୟୁନିଟ୍ ହେଡ୍ ରହୁଥିବା ଆବାସିକ ଅଂଚଳରେ ଭିଡ଼ ନ କରି ଜଣେ ଦୁଇ ଜଣ ଲେଖାଏଁ ପ୍ରତିଦିନ ଏଭଳି ବିକ୍ଷୋଭ ଧାରଣାରେ ସାମିଲ୍ ହେବେ ।

## ରାଜ୍ୟକୁ ପୁଣି ଫେରିବ ଶୀତ



ଭୁବନେଶ୍ୱର,୩।୧(ପି.ଏନ): ଆଗାମୀ ୨ ଦିନ ପରେ ରାଜ୍ୟର ଅନେକ ସ୍ଥାନରେ ରାତ୍ରି ତାପମାତ୍ରା ୩ରୁ ୫ ଡ଼ିଗ୍ରୀ ତଳକୁ ଖସିବ। ତେଣୁ ଶୀତର ପ୍ରକୋପ ବଢିବାର ସମ୍ଭାବନା ରହିଛି। ଏନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି ।ସାମୁଦ୍ରିକ ବାୟୁର ପ୍ରଭାବରେ ଆଜି ରାତି ଓ କାଲି ସକାଳେ ବିଭିନ୍ନ ଅଞ୍ଚଳରେ ଘନ କୁହୁଡ଼ି ହେବାର ସମ୍ଭାବନା ରହିଛି। ଆସନ୍ତାକାଲି ଅର୍ଥାତ ୪ ତାରିଖ ସକାଳେ କଳାହାଣ୍ଡି, କନ୍ଧମାଳ, ରାୟଗଡା, ଗଜପତି, କୋରାପୁଟ, ବୌଦ୍ଧ, ବଲାଙ୍ଗିର, ସୋନପୁର, ଅନୁଗୋଳ, ଢେଙ୍କାନାଳ, କଟକ, ସମ୍ବଲପୁର, ଝାରସୁଗୁଡା, ବରଗଡ, ସୁନ୍ଦରଗଡ, ଦେବଗଡ ଓ କେନ୍ଦୁଝର ଜିଲ୍ଲାରେ କୁହୁଡି ହୋଇପାରେ। ତେବେ କନ୍ଧମାଳ, କଳାହାଣ୍ଡି, ବଲାଙ୍ଗିର, ସୋନପୁର, ସମ୍ବଲପୁର, ଝାରସୁଗୁଡା, ଅନୁଗୋଳ ଓ ସୁନ୍ଦରଗଡ ଜିଲ୍ଲାରେ ଘନ କୁହୁଡି ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୩, ଜାନୁଆରୀ ୦୪

# ଚ୍ୟାଲେଞ୍ଜର ବର୍ଷ ୨୦୨୩

*"କେହି ରହିନାହାଁ ରହିବେ ନାହିଁଟି*
*ଭବରଙ୍ଗ ଭୂମି ତଳେ,*
*ସର୍ବେ ନିଜ ନିଜ ଅଭିନୟ ସାରି*
*ବାହୁଡିବେ କାଳବଳେ ।"*



ପ୍ରକୃତିର ଏହି ଚିରନ୍ତନ ସତ୍ୟରେ ୨୦୨୨ ବର୍ଷ ପୃଥିବୀପୃଷ୍ଠରୁ ବିଦାୟ ନେବା ସହ ୨୦୨୩ ନୂତନ ବର୍ଷର ଆଗମନ ହୋଇଛି । ୨୦୨୨ ଛାଡିଯାଇଛି ବହୁ ଅଭୁଲା ସ୍ମୃତି ଓ ଯନ୍ତ୍ରଣା । ଏହାରି ମଧ୍ୟରେ ଆମେ ନୂତନ ବର୍ଷକୁ ସ୍ୱାଗତ କରୁଛୁ । ଏହା ସତ୍ୟ ଯେ, ମହାମାରୀ କରୋନାର ଦୀର୍ଘ ଦୁଇବର୍ଷ ଧରି ତାଣ୍ଡବ ପରେ ୨୦୨୨ ଆମ ପାଇଁ ଆଣିଦେଇଥିଲା ନୂତନ ଅଭିଜ୍ଞତା ଏବଂ ମହାମାରୀର ସମ୍ପୂର୍ଣ୍ଣ ଅନ୍ତ ଘଟିଥିବା ସତ୍ତ୍ୱେ ଏହାରି ମଧ୍ୟରେ ତଥା ମହାମାରୀ ସାଥିରେ ବଂଚି ରହିବାର ଶିକ୍ଷା ଆମକୁ ୨୦୨୨ ଦେଇଛି । କେବଳ ଏତିକି ନୁହେଁ ୨୦୨୨ ଆମ ପାଇଁ ମହାମାରୀ କବଳରୁ ଆଶ୍ୱସ୍ତି ଦେଇଛି । ଏବେ ପୁଣି ଚୀନ, ଆମେରିକା, ବ୍ରାଜିଲ, ଜାପାନ ପରି କେତେକ ରାଷ୍ଟ୍ରରେ ମହାମାରୀ ମୁଣ୍ଡ ଟେକିଥିବାବେଳେ ୨୦୨୨ ଆମକୁ ଯେଉଁ ଶିକ୍ଷା ଦେଇଛି, ପଥ ଦେଖାଇଛି, ତାହାକୁ ଆଧାର କରି ଅଗ୍ରସର ହେବାକୁ ହେବ । ୨୦୨୨ ଏବେ ଅତୀତ ପାଲଟି ଯାଇଥିବାବେଳେ ୨୦୨୩ ଆମ ପାଇଁ ନୂତନ ଆଶା, ସମ୍ଭାବନାର ସମ୍ଭାର ଧରି ଆସିଛି । ୨୦୨୩ରେ ମହାମାରୀର ସମ୍ପୂର୍ଣ୍ଣ ଅନ୍ତ ଘଟାଇବାକୁ ଆମକୁ ସଂକଳ୍ପ ନେବାକୁ ହେବ । କେବଳ ମହାମାରୀ ନୁହେଁ, ବିଶ୍ୱ ତାପମାତ୍ରା ବୃଦ୍ଧି, ଜଳବାୟୁ ପରିବର୍ତ୍ତନ ସମଗ୍ର ଜୀବ ଜଗତ, ସୃଷ୍ଟି ପାଇଁ ଆଜି କଳାବାଦଲ ରୂପେ ଉଭା ହୋଇଛି । ପ୍ରକୃତି ଉପରେ ଯେତିକି ଯେତିକି ମଣିଷର ଅତ୍ୟାଚାର ବଢିଚାଲିଛି, ପ୍ରକୃତି ତା'ର କୋପ ସେତିକି ବଢାଇ ଚାଲିଛି । ସମୁଦ୍ର କୂଳ ଲଂଘିଛି । ବନ୍ୟା, ବାତ୍ୟା, ମରୁଡି ଧ୍ୱଂସର ତାଣ୍ଡବଲୀଳା ସୃଷ୍ଟି କରିଛି । ବର୍ଷା ଦିନରେ ମରୁଡି, ଶୀତ ଦିନରେ ବନ୍ୟା ଦେଖିବାକୁ ମିଳିଛି । ସେହିପରି ଖରାଦିନର ଅବଧି ବଢି ଚାଲିଥିବାବେଳେ ବର୍ଷା ଓ ଋତୁର ଅବଧି କମି କମି ଯାଇଛି । ଗୋଟିଏ ପଟେ ପ୍ରକୃତି ସୃଷ୍ଟି ଉପରେ ଦାଉ ସାଧୁଥିବାବେଳେ ଅନ୍ୟପଟେ ମଣିଷର ଅହଂକାର ଯୋଗୁଁ ଦେଶ-ଦେଶ ମଧ୍ୟରେ ଯୁଦ୍ଧର ବାଦଲ ସୃଷ୍ଟି ହୋଇଛି । ୨୦୨୨ ଆରମ୍ଭରେ ରୁଷ-ୟୁକ୍ରେନ ଯୁଦ୍ଧ ହେଉଛି ଏହାର ଜ୍ୱଳନ୍ତ ଉଦାହରଣ । ଯୁଦ୍ଧ ଏବେ ବି ସରିନାହିଁ, କେବେ ସରିବ କହିବା ମୁସ୍କିଲ । ଦୁଇ ପଡୋଶୀ ରାଷ୍ଟ୍ର ମଧ୍ୟରେ ଯୁଦ୍ଧ ଏବେ ତୃତୀୟ ବିଶ୍ୱଯୁଦ୍ଧ, ପରମାଣୁ ଯୁଦ୍ଧର ଆଶଙ୍କା ସୃଷ୍ଟି କରିଛି । ଯୁଦ୍ଧରେ ବହୁ ଧନଜୀବନ କ୍ଷତି ଘଟିଥିବାବେଳେ ଆଗକୁ ଆହୁରି ଭୟଙ୍କର ହେବା ସମ୍ଭାବନାକୁ ଏଡାଇ ଦେଇ ହେଉନାହିଁ । ଦୁଇ ରାଷ୍ଟ୍ର ମଧ୍ୟରେ ଯୁଦ୍ଧ କେବଳ ଧ୍ୱଂସର ବିଭୀଷିକା ସୃଷ୍ଟି କରିନାହିଁ, ବିଶ୍ୱର ବହୁ ରାଷ୍ଟ୍ର ଏବେ ଖାଦ୍ୟ ସଂକଟ ମୁହାଁ । ବିଭିନ୍ନ ଅତ୍ୟାବଶ୍ୟକୀୟ ସାମଗ୍ରୀର ଦରବୃଦ୍ଧି ଘଟିଛି । ଏହାର ପ୍ରଭାବରେ ବିଶ୍ୱରେ ୮୦ରୁ ୧୦୦ କୋଟି ଲୋକ ଏବେ ଭୋକିଲା । ଦୁଇ ଓଳି ଦୁଇ ମୁଠା ଖାଇବାକୁ ପାଉନାହାଁନ୍ତି । ପୃଥିବୀର ଜନସଂଖ୍ୟା ଏବେ ୮୦୦ କୋଟି ଅତିକ୍ରମ କରିଥିବାବେଳେ ଜନସଂଖ୍ୟା ବିସ୍ଫୋରଣ ଆଉ ଏକ ଚ୍ୟାଲେଞ୍ଜ ସୃଷ୍ଟି କରିଛି । ତେବେ ମହାମାରୀ କରୋନା ଯୋଗୁଁ ସମଗ୍ର ବିଶ୍ୱର ଅର୍ଥନୀତି ଏବେ ନିମ୍ନଗାମୀ । ମାନ୍ଦାବସ୍ଥା ମୁହାଁ । ଦୀର୍ଘ ଦୁଇବର୍ଷ ଧରି ମହାମାରୀ କରୋନା ସଂକ୍ରମଣ ଯୋଗୁଁ ବିଶ୍ୱର ବିଭିନ୍ନ ରାଷ୍ଟ୍ରରେ ଦୀର୍ଘ ଲକ୍‌ଡାଉନ ଏବଂ କଟକଣା ଯୋଗୁଁ ଜନଜୀବନ ଠପ୍ ହେବା ସହ ବେରୋଜଗାରୀ, ବେକାରୀ ଆଶାତୀତ ଭାବେ ବୃଦ୍ଧି ପାଇଥିଲା । ବିଶ୍ୱବ୍ୟାଙ୍କ ରିପୋର୍ଟ ଅନୁଯାୟୀ ବର୍ତ୍ତମାନ ସୁଦ୍ଧା ବିଶ୍ୱବ୍ୟାପୀ ଅର୍ଥନୀତି ସ୍ୱାଭାବିକ ହୋଇନଥିବା ବେଳେ ବହୁ ରାଷ୍ଟ୍ରର ଅର୍ଥନୀତିରେ ମାନ୍ଦାବସ୍ଥା ଦେଖାଦେଇଛି । ଯାହାର ପ୍ରଭାବରେ ବହୁ ବଡ ବଡ କମ୍ପାନୀ ହଜାର ହଜାର କର୍ମଚାରୀଙ୍କୁ ଛଟେଇ କରିସାରିଲେଣି । ଆଗକୁ ଆହୁରି କର୍ମଚାରୀ ଛଟେଇ ହେବା ସମ୍ଭାବନାକୁ ଏଡାଇ ଦେଇ ହେଉନାହିଁ । ଆମ ଦେଶରେ ଅର୍ଥନୀତି ସ୍ୱାଭାବିକ ଅବସ୍ଥାକୁ ଫେରିଥିବା ନେଇ ସରକାର ଦାବି କରୁଥିବାବେଳେ ସେପରି କୌଣସି ଅନୁଭବ ହେଉନାହିଁ । ତେବେ ଦେଶର ଆର୍ଥିକ ଅଭିବୃଦ୍ଧି ନେଇ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଯେଉଁ ରିପୋର୍ଟ ଦେଉଛି, ତାହା ମଧ୍ୟ ନୈରାଶ୍ୟଜନକ । ଏବେ ଚୀନ ସମେତ ବିଶ୍ୱର ୬ଟି ରାଷ୍ଟ୍ରରେ କରୋନା ସଂକ୍ରମଣ ଦ୍ରୁତବେଗରେ ବଢିବାରେ ଲାଗିଛି । ଯାହାକି ବିଶ୍ୱର ଦ୍ୱିତୀୟ ଜନବହୁଳ ରାଷ୍ଟ୍ର ଭାରତ ପାଇଁ ବିପଦର କାରଣ ହୋଇଛି । ୨୦୨୨ରେ ଚୀନର ଭୂତାଣୁ ଦେଖାଦେବା ପରେ ଏବେ ବିଶ୍ୱକୁ ବ୍ୟାପିଯାଇଛି । ତେଣୁ ଏହାର ପୁନରାବୃତିକୁ ଏଡାଇ ଦେଇ ହେଉନାହିଁ । ଅବଶ୍ୟ ସେତେବେଳେ ଲୋକେ ସଚେତନ ନଥିଲେ କି ପ୍ରତିଷେଧକ ଟିକା ନଥିଲା । ଏବେ ଯେଉଁ ଟିକା ବାହାରିଛି, ତାହା ଉପଯୁକ୍ତ ଟିକା ନୁହେଁ, ପ୍ରତିଷେଧକ ମାତ୍ର । ଯାହାର ଅବଧି ସାମୟିକ । ମହାମାରୀ ଏବେ ଯେଉଁଭଳି ଭାବରେ ବ୍ୟାପିବାରେ ଲାଗିଛି, ଜନସାଧାରଣ ସତର୍କ, ସଜାଗ, ସଚେତନ ନହେଲେ ପରିସ୍ଥିତି ଅସମ୍ଭାଳ ହୋଇପଡିବ, ଏଥିରେ କୌଣସି ସନ୍ଦେହ ନାହିଁ । ମହାମାରୀର ମୁକାବିଲା ପାଇଁ ବ୍ୟୟ ଭାର ବଢିବା ସହ ଋଣ ଭାର ବଢିଚାଲିଛି । ଏହା ନିଶ୍ଚିତ ଯେ ୨୦୨୩ ଆମ ପାଇଁ ଚ୍ୟାଲେଞ୍ଜର ବର୍ଷ ହେବ, ଏଥିରେ ସନ୍ଦେହର ଅବକାଶ ନାହିଁ । ୨୦୨୩ ସମସ୍ତଙ୍କ ପାଇଁ ସୁଖ, ଶାନ୍ତି, ସମୃଦ୍ଧି ଓ ନିରାମୟ ଜୀବନ ଆଣିଦେଉ, ଏହାହିଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ । ନୂତନ ବର୍ଷରେ ଆମେ ରାଜ୍ୟବାସୀଙ୍କ ସହ ସମଗ୍ର ଦେଶବାସୀ ଓ ବିଶ୍ୱବାସୀଙ୍କୁ ଅଭିନନ୍ଦନ ଜଣାଇବା ସହ ନୂତନ ବର୍ଷ ଆଶା ଓ ସମ୍ଭାବନାର ବର୍ଷ ହେଉ, ଏହା ହିଁ ଆମର କାମନା !

**ସୌଭାଗ୍ୟରଂଜନ ମହାନ୍ତି (ରାଜା)**, ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨, ମୋବାଇଲ ନଂ-୯୪୩୭୯୯୪୩୭୯

## ଆଜିର ଅନୁଚିନ୍ତା

*'ମୁଁ'ତ୍ୱକୁ କେବଳ ଦେହ ଭିତରେ ସୀମାବଦ୍ଧ କରି ରଖିଲେ ଆତ୍ମାନନ୍ଦ ମିଳିବ କିପରି ?*

*ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ । ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ । ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ ।*

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# ଛୋଟ ମାପକାଠି : ବଡ ସାହିତ୍ୟ

**ଇନ୍ଦିରା ଦାସ**

**ଆ**ଜିର ସାହିତ୍ୟ ସାମାଜିକ ଦାୟବଦ୍ଧତା କେତେଦୂର ବହନ କରେ ? ଏ ପ୍ରଶ୍ନ ଅନେକବାର ଆଲୋଡିତ କରିଥାଏ ମୋତେ । କିନ୍ତୁ ମୁଁ ତ ଲେଖିକା ନୁହେଁ, ସମାଜର ବ୍ୟଥାରେ ମୁଁ କେବଳ ସମବ୍ୟଥୀ ମାତ୍ର । ଲେଖିକାମାନେ ତ ସମାଜ ପାଇଁ ଲେଖୁଛନ୍ତି । ଲେଖକ-ଲେଖିକାମାନେ ସମାଜର ସଭାଜନ । ତାଙ୍କ ଲେଖାରୁ ସମାଜର ପ୍ରତିଛବି ଜଣାଯାଏ । ଯେଉଁ ଲେଖା ଦିନେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଲେଖିଥିଲେ ତାହା ଥିଲା ତାଙ୍କ ମନର କଥା । ପ୍ରାଣର କଥା । ଦୁଃଖୀ, ଦରିଦ୍ରଙ୍କ ଦୁଃଖକଷ୍ଟ ତାଙ୍କ ପ୍ରାଣକୁ ଆନ୍ଦୋଳିତ କରୁଥିଲା । ତାଙ୍କ କୃତି ଓ କର୍ମ ପରସ୍ପରର ପରିପୂରକ ଥିଲା । କେବଳ ପାଠକଙ୍କ ପାଇଁ ସେ ଲେଖୁନଥିଲେ, କୌଣସି ପୁରସ୍କାରର ଆଶା ବି ସେ କରିନଥିଲେ । କିନ୍ତୁ ସେ ଆଜି ଆମ ସମସ୍ତଙ୍କର ପ୍ରାତଃପ୍ରଣମ୍ୟ । ତାଙ୍କ ଲେଖା ପାଇଁ ଅନେକଙ୍କର ଜୀବନ ପରିବର୍ତ୍ତନ ହୋଇଯାଇଥିଲା ।

ସେହିପରି ମାର୍କ୍ସିମ୍ ଗର୍କୀଙ୍କର ଉପନ୍ୟାସ 'ମା' । ଦେଶର ପରିବର୍ତ୍ତନ ପାଇଁ, ଅନ୍ୟାୟ, ଅତ୍ୟାଚାର, ଶୋଷଣ କବଳରୁ ଦେଶକୁ ମୁକ୍ତ କରିବା ପାଇଁ ମାଆର ପସରା ଭିତରେ କାରଖାନାର ଶ୍ରମିକମାନଙ୍କ ପାଇଁ ସନ୍ଦେଶ ଦେଇଥିଲେ । ଧରାପଡିଲେ ମୃତ୍ୟୁ ଅବଶ୍ୟମ୍ଭାବୀ । ତଥାପି ସେ ମାଆ ଡରି ନଥିଲା । ଆଗାମୀ ପିଢି ପାଇଁ ସେ ଥିଲା ପ୍ରେରଣାର ପ୍ରଖର ଉତ୍ସ । ଗର୍କୀଙ୍କ ଉପନ୍ୟାସ 'ମଦର' ଯାହା ଓଡିଆରେ 'ମା', ଲିଓ ଟଲଷ୍ଟୟଙ୍କ ଉପନ୍ୟାସ Resurrection ଯାହା ଓଡିଆରେ ପ୍ରଖ୍ୟାତ୍ ଶିକ୍ଷାବିତ୍ ଡକ୍ଟର ଧନେଶ୍ୱର ମହାପାତ୍ରଙ୍କ ଦ୍ୱାରା ଅନୁଦିତ ପୁନର୍ଜୀବନ, Uncle Tom'sଙ୍କ ଲେଖା 'ଟମ୍‌କକାଙ୍କ କୁଟୀର', ରବୀନ୍ଦ୍ରନାଥଙ୍କ ନୋବେଲ ପୁରସ୍କାରପ୍ରାପ୍ତ କାବ୍ୟ 'ଗୀତାଞ୍ଜଳି', ଔପନ୍ୟାସିକ ସମ୍ରାଟ ଶରତ୍‌ଚନ୍ଦ୍ରଙ୍କ 'ଚଲାପଥର ଦାବୀ', ବଙ୍କିମ୍ ଚନ୍ଦ୍ରଙ୍କ 'ଗୋଦାନ', ଫକୀରମୋହନ ସେନାପତିଙ୍କ 'ଛ-ମାଣ ଆଠଗୁଣ୍ଠ', କାହ୍ନୁଚରଣଙ୍କ 'କା', ଗୋପୀନାଥ ମହାନ୍ତିଙ୍କ 'ମାଟିମଟାଳ', ସଚ୍ଚୀ ରାଉତରାୟଙ୍କ 'ମଶାଣିର ଫୁଲ', ଗିରିଜା ବଳୀୟାର ସିଂହଙ୍କ 'ଭାରତବର୍ଷ'- ଏହିଭଳି ବିଶ୍ୱ, ଦେଶ ଓ ରାଜ୍ୟର ବହୁ ଅନେକ ଦିଗ୍‌ଦ୍ରଷ୍ଟା ସେମାନଙ୍କ କଲମମୁନରେ ଯେଉଁ ଅନବଦ୍ୟ ସୃଷ୍ଟି ଓ କୃଷ୍ଟି ଛାଡିଯାଇଛନ୍ତି ଓ ଛାଡୁଛନ୍ତି - ଯାହା ମଣିଷକୁ, ସମାଜକୁ ପରିବର୍ତ୍ତନ କରିବାରେ ପ୍ରେରଣା ଯୋଗାଇ ଆସିଛି ଏବଂ ଆସୁଛି । ଆଣମାନେ ଜାଣନ୍ତି ଏଇ ଓଡିଶାର କନ୍ଧ, ଅନ୍ଧ ସନ୍ଥକବି ଭୀମ ଭୋଇଙ୍କ ଅମର ମର୍ମ ଗାଥା– ***"ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ/ଦେଖୁ ଦେଖୁ କେବା ସହୁ/ମୋ ଜୀବନ ପଛେ ନର୍କେ ପଡିଥାଉ/ଜଗତ ଉଦ୍ଧାର ହେଉ ।"***



ଏହି ପଦକ କବିତା ପୃଥିବୀର କୌଣସି କବି ଲେଖିଛନ୍ତି କି ନାହିଁ ମୋର ଧାରଣା ନାହିଁ । ଏହାକୁ ଇଂରାଜୀରେ ଡକ୍ଟର ମାୟାଧର ମାନସିଂ ଅନୁବାଦ କରିଛନ୍ତି - ଯାହା କି ଜାତିସଂଘର ଗ୍ୟାଲେରୀରେ ଏହି ପଦକ ଶୋଭାବର୍ଦ୍ଧନ କରୁଛି । ଶରତଚନ୍ଦ୍ର ଲେଖିଥିଲେ– "ପାଦ ଥିଲେ ଚାଲି ହୁଏ, ହାତ ଥିଲେ ଲେଖି ହୁଏନା ।" କେତେ ବଡ କଥା ଇଏ !

ଆପଣମାନେ ନିଶ୍ଚୟ ସ୍ୱନାମଧନ୍ୟା ଲେଖିକା ସ୍ୱର୍ଗୀୟା ଆଶାପୂର୍ଣ୍ଣା ଦେବୀଙ୍କର ଜ୍ଞାନପୀଠ ପୁରସ୍କାର ପାଇଥିବା ଉପନ୍ୟାସ 'ପ୍ରଥମ ପ୍ରତିଶ୍ରୁତି' ପଢିଥିବେ । 'ପ୍ରଥମ ପ୍ରତିଶ୍ରୁତି' ପରେ ତାହାର ଦ୍ୱିତୀୟ ଓ ତୃତୀୟ ଭାଗ 'ସୁବର୍ଣ୍ଣଲତା' ଓ 'ବକୁଳ କଥା' । ନିଭୃତ ଅନ୍ତଃପୁରବାସିନୀ ଅବହେଳିତା ଭାରତୀୟ ନାରୀମାନଙ୍କର ଭଙ୍ଗାଗଢାର ଇତିହାସ ରଚନା ପାଇଁ ଯେପରି 'ପ୍ରଥମ ପ୍ରତିଶ୍ରୁତି', 'ସୁବର୍ଣ୍ଣଲତା' ଓ 'ବକୁଳ କଥା'ର ସୃଷ୍ଟି । ଏହି ଉପନ୍ୟାସଗୁଡିକ ମୁଖ୍ୟତଃ ନାରୀସମାଜର ସମସ୍ୟାଗୁଡିକୁ ନେଇ ରଚିତ । ବିବର୍ତ୍ତନଶୀଳ ସମାଜ ବ୍ୟବସ୍ଥାର ତିନୋଟି ପିଢିର ଚିତ୍ର । ଯେଉଁ ସମୟରେ ଆମ ଅନ୍ତଃପୁରଚାରିଣୀମାନେ ସାଧାରଣ ମଣିଷର ସମ୍ମାନଲାଭରୁ ବଞ୍ଚିତ, ସେହି ସମୟରେ ଜଣେ ଅତି ସାଧାରଣ ଝିଅ ସାମାଜିକ ବନ୍ଧନ କାଟି ଏକ ମୁକ୍ତ ପୃଥିବୀର ସ୍ୱପ୍ନ ଦେଖିଛି । ସେ ସତ୍ୟବତୀ, ଅନେକଙ୍କ ଭିତରେ ସ୍ୱତନ୍ତ୍ର । ତାଙ୍କ କନ୍ୟା 'ସୁବର୍ଣ୍ଣଲତା' ମଧ୍ୟ ନୀରବରେ ନାରୀମୁକ୍ତି ପାଇଁ କୁସଂସ୍କାରରୁ, ପରାଧୀନତାରୁ ରକ୍ଷା ପାଇବାପାଇଁ ସାରାଜୀବନ ବିଷର ଜ୍ୱାଳାରେ ଜଳି ଜଳି ସଂଗ୍ରାମ କରିଛନ୍ତି । ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ସେ ଲଢିଛନ୍ତି । କିନ୍ତୁ ପାରିବାରିକ ବେଷ୍ଟନୀର ପ୍ରାଚୀରରେ ମୁଣ୍ଡ ପିଟି ପିଟି ତାଙ୍କ ଲଲାଟ ସିନା ରକ୍ତାକ୍ତ ହୋଇଯାଇଛି–ମୁକ୍ତିର ଦ୍ୱାର ଖୋଲିନାହିଁ । ମଉଳିଯାଇଛି ତାଙ୍କ ଦେଶାତ୍ମବୋଧର ଉଚ୍ଛ୍ୱସିତ ଆବେଗ ।

'ସୁବର୍ଣ୍ଣଲତା'ଙ୍କର କନ୍ୟା ବକୁଳ । ମାଆ ଓ ଆଈଙ୍କର ମହତ୍ତ୍ୱପୂର୍ଣ୍ଣ ଆକାଂକ୍ଷା 'ବକୁଳ'ଙ୍କ ଜୀବନରେ ପୂର୍ଣ୍ଣତା ଲାଭ କରିଛି । କିନ୍ତୁ ସତରେ କ'ଣ ସେ ସମାଜ ଉପରେ ତାଙ୍କ ମାଆ ଓ ଆଈଙ୍କର ସାଧନାର ପ୍ରଭାବ ଓ ସଫଳତା ଲକ୍ଷ୍ୟ କରିପାରିଛନ୍ତି ? ସେ ବରଂ ଦେଖିଛନ୍ତି ନାରୀ ପ୍ରଗତି ନାମରେ ଉନ୍ମାଦନା ଓ ସ୍ୱେଚ୍ଛାଚାରିତାର ଭୟଙ୍କର ରୂପ । ନାରୀ ପ୍ରଗତି କ୍ଷେତ୍ରରେ ସ୍ୱାଧୀନତା ଓ ସ୍ୱେଚ୍ଛାଚାରିତାର ସୀମା କେଉଁଠି ଏହି ପ୍ରଶ୍ନଟି ତାଙ୍କୁ ଆନ୍ଦୋଳିତ କରିଛି ।

ଆଜି ପଢାପଢି ବହୁତ କମିଯାଇଛି । କିନ୍ତୁ ପୁସ୍ତକ ମଣିଷର ବନ୍ଧୁ, ଏହା ସବୁ ବୟସର ଲୋକଙ୍କ ପାଇଁ ସର୍ବୋତ୍ତମ ବନ୍ଧୁ । ଜୀବନକୁ ଜାଣିବା ପାଇଁ, ଜଗତକୁ ବୁଝିବା ପାଇଁ ପୁସ୍ତକ ହିଁ ଜ୍ଞାନର ବତୀଘର । ପୁସ୍ତକ ଅଧ୍ୟୟନ ଦ୍ୱାରା ଜିଜ୍ଞାସା ବଢେ ଓ ଚେତନା ଜାଗ୍ରତ ହୁଏ । ତେଣୁ ପ୍ରତ୍ୟେକ ବ୍ୟକ୍ତି ଓ ପ୍ରତ୍ୟେକ ପରିବାର ପାଇଁ ବହି ଏକ ଅମୂଲ୍ୟ ସମ୍ପଦ । ଯେଉଁ ପରିବାରରେ ବହି ନାହିଁ, ସେ ପରିବାର ଧନୀ ହେଲେ ବି ଉନ୍ନତ ନୁହେଁ । ସେ ଘର ଗୋଟିଏ ବଡ ଅଟ୍ଟାଳିକା ହୋଇପାରେ, ମାତ୍ର ତାହା ଗୋଟେ ଆତ୍ମାବିହୀନ ଶରୀର ପରି । ଯେଉଁ ଶିକ୍ଷିତ ଲୋକମାନେ ବହି ପଢନ୍ତି ନାହିଁ ଓ ସାମର୍ଥ୍ୟ ଥାଇ ବି ବହି କିଣନ୍ତି ନାହିଁ– ସେମାନେ ଅଶିକ୍ଷିତ ଲୋକଙ୍କ ସହ ସମାନ । କାରଣ ପଢିବା ଅଭ୍ୟାସ କମିଗଲେ ଆମର ଦୃଷ୍ଟିକୋଣ ସଂକୁଚିତ ହୋଇଯିବ । ଅଧିକ ନ ପଢିଲେ ଚିନ୍ତନ ପ୍ରକ୍ରିୟା ମଧ୍ୟ ସ୍ଥାଣୁ ହୋଇଯିବ । ଭାଷା ହିଁ ଚିନ୍ତାର ବାହକ । ଭାଷା ଉନ୍ନତ ନ ହେଲେ ଉନ୍ନତ ଚିନ୍ତା ଆସିବା କଷ୍ଟକର ।

ଆଜି ସେଇଭଳି ଲେଖା ଏ ସମାଜ ଦାବି କରୁଛି । ଆପଣମାନେ ବହୁତ ସୁନ୍ଦର ଲେଖୁଛନ୍ତି । ତଥାପି ବି ମୋର ପଚାରିବାକୁ ଇଚ୍ଛା ହେଉଛି – ସମସ୍ତେ ନିଜକୁ ପଚାରନ୍ତୁ ମୁଁ କିଏ ? କେଉଁଠୁ ଆସିଛି ? କେତେଦିନ ପାଇଁ ଏ ପୃଥିବୀକୁ ଆସିଛି ? ପୁଣି କେଉଁଠିକୁ ଯିବି ? ଯିବା ପୂର୍ବରୁ ଏ ସମାଜକୁ କ'ଣ ଦେଇକରି ଯିବି ?

ଆଜି ଅନେକ ଲେଖାଲେଖି ହେଉଛି । କେତେକଥା କଲମମୁନ କହିଯାଉଛି । କିନ୍ତୁ ମୁନ ସହିତ ମନର ମେଳ ନାହିଁ । ପୁରସ୍କାରର ଆଶା ନ ରଖି ମନର କଥାକୁ ଲେଖାରେ ପ୍ରକାଶ କଲେ ତାହା ହେବ ସର୍ବଶ୍ରେଷ୍ଠ ଲେଖା । ଯେଉଁ ଲେଖା ମଣିଷକୁ ସମାଜକୁ ପରିବର୍ତ୍ତନ କରିପାରେନା– ସେ ଲେଖା କି ଲେଖା ? ଲେଖାରେ ପ୍ରଗତିଶୀଳ ହେଲେ ମଧ୍ୟ ଅଧିକାଂଶ ଲେଖାଳି ପ୍ରତିକ୍ରିୟାଶୀଳ । ଲେଖକ/ଲେଖିକା/କବି/ କବୟିତ୍ରୀମାନେ ନିର୍ଯାତିତ ମଣିଷର ପ୍ରତିବାଦର ସ୍ୱରକାର ହୁଅନ୍ତୁ । ଆପଣମାନଙ୍କ ଲେଖା ଏ ସମାଜକୁ, ବିଶ୍ୱକୁ ଦିଗ୍‌ଦର୍ଶନ ଦେଉ ।

*-ଯାଜପୁର ରୋଡ, ଯାଜପୁର*
*ମୋ: ୯୪୩୭୪୭୮୭୯୦*

# -ଈଶ୍ୱରଙ୍କ ଉପହାର-

**ଇଂ. ସଚ୍ଚିଦାନନ୍ଦ ନନ୍ଦ**



**ବି**ରସ ବଦନ ରହିବା ବା ଦେଖିବାକୁ କେହି ପ୍ରାୟ ଭଲ ପାଆନ୍ତି ନାହିଁ । ମାତୃଗର୍ଭରୁ ଯିଏ ଯେତିକି ସୁନ୍ଦର ହୋଇ ଜନ୍ମ ହୋଇଛି ତା' ସୌନ୍ଦର୍ଯ୍ୟ କିଛିମାତ୍ରାରେ ବଢ଼ିଯାଏ ସହାସ୍ୟ ଜୀବନଯାପନ କଲେ । ନିଜ ଦର୍ପଣ ନିଜ ଚେହେରାକୁ ପ୍ରଶଂସାପତ୍ର ଦେବା ସଙ୍ଗେ ସଙ୍ଗେ ସାଥି, ବନ୍ଧୁବାନ୍ଧବମାନେ ମଧ୍ୟ ବିନା କାରଣରେ ଖୁସି ହୁଅନ୍ତି ଗୋଟିଏ ସରସ ବଦନ ବ୍ୟକ୍ତିଙ୍କୁ ଦେଖିଲେ । ପ୍ରକୃତରେ ମଣିଷ ଖୁସି ରହିବା ହିଁ ତା ଜନ୍ମର ଧର୍ମ । ଛୋଟ ପିଲା ହୋଇ ସମସ୍ତେ ଜନ୍ମ ଲାଭ କରିଥାନ୍ତି ଏବଂ ସେହି ଦିନଠାରୁ ସେ ଖୁସିରେ ହିଁ ତା'ର ଦିନ ଅତିବାହିତ କରେ । ଯଦି ସେ କାନ୍ଦେ, ଯାହା ତା'ପାଇଁ ସ୍ୱାଭାବିକ ନୁହେଁ, ସମସ୍ତେ ବ୍ୟସ୍ତ ହୋଇ ଖୋଜି ବସନ୍ତି ତାହାର କାରଣ । ପିଲାକୁ ଭୋକ ହେଲାଣି, ବା ପରିସ୍ରା କରି ଦେଇଥିବ ବା ଶଯ୍ୟାରେ କିଛି ବାହ୍ୟ ପଦାର୍ଥ ତା ଦେହକୁ କଷ୍ଟ ଦେଉଥିବ ଇତ୍ୟାଦି ଇତ୍ୟାଦି । କହିବାର ତାତ୍ପର୍ଯ୍ୟ ହେଉଛି କିଛି ଗୋଟିଏ ଅସ୍ୱାଭାବିକ ପରିସ୍ଥିତି ନ ପଡ଼ିଲେ ପିଲା ତା ସ୍ୱଭାବବଶତଃ ଖୁସିରେ ଦୋଳାରେ ଖେଳିବା କଥା । କିଛି ଗୋଟିଏ ଅଘଟଣ ନ ଘଟିଲେ କାହିଁକି ବା କାନ୍ଦନ୍ତା ? ସେଇ ପିଲା ବଡ଼ ହୋଇ ଆମ୍ଭମାନଙ୍କ ପରି ହୋଇଛି । ଆମର ମଧ୍ୟ ସ୍ୱଭାବ ହେଉଛି ଖୁସିରେ ରହିବା । ଦୁଃଖିତ ହେବା ପଛରେ କିଛି ଗୋଟିଏ ଅସ୍ୱାଭାବିକ ଘଟଣା ଥିବ ନିଶ୍ଚିତ । ମହାପୁରୁଷମାନେ, ଈଶ୍ୱରକୋଟୀ ପୁରୁଷମାନେ ଓ ଆଧ୍ୟାତ୍ମିକ ଗବେଷକମାନେ ତାଙ୍କ ଅଭିଜ୍ଞତା ଓ ଦୀର୍ଘ ଅନୁଭୂତିରୁ କହନ୍ତି, ବିରସ ଜୀବନର ପ୍ରମୁଖ କାରଣ ହେଉଛି, ଅତୃପ୍ତ କାମନା ବାସନା । ଆମ୍ଭେମାନେ ମଧ୍ୟ ସଂସାରରେ ଯେତିକି ବର୍ଷ ବିତାଇଲେଣି ନିରପେକ୍ଷ ଭାବେ ଦେଖିଲେ ଏଥିରେ ଏକମତ ହେବା । ଆମ୍ଭେମାନେ କାମନା-ବାସନାଶୂନ୍ୟ ହୋଇପାରିବା ନାହିଁ । ଏହା ମଧ୍ୟ ଆମକୁ ଭଲଭାବେ ଜଣା ଯେ ଆମର ସମସ୍ତ କାମନା ବାସନା ପୂରଣ ହୋଇ ପାରିବ ନାହିଁ । ଆମେ ଚାହୁଁଥିବା ଅବଧି ଭିତରେ ପୂରଣ ହୋଇପାରିବ ନାହିଁ, ଆମ ଧନବଳ, ଜନବଳ, ବାହୁବଳ ବା ସାମାଜିକ ବଳ ଦ୍ୱାରା ପୂରଣ ହୋଇପାରିବ ନାହିଁ । ତେଣୁ ଯେତିକି ପୂରଣ ହେଲା ସେତିକିରେ ସନ୍ତୁଷ୍ଟ ହୋଇ ରହିବା ବା କାମନା ବାସନାର ସଂଖ୍ୟା କମାଇ ଦେବା ବିଜ୍ଞତାର ପରିଚୟ ହେବ । ଅପୂର୍ଣ୍ଣତାକୁ ନେଇ ଖୁସି ହେବା ପରିବ□ ଯାହା ପାଇନେ ତାକୁ ଧରି ବସି ଦୁଃଖ କରିବା କି ବିଜ୍ଞତାର ପରିଚୟ ? ସହାସ୍ୟ ବଦନ ଓ ସରସ ଜୀବନ ଏକ ମାନସିକତା । ଜଣେ ଇଚ୍ଛା କଲେ, ମନ କଲେ, ଯେ କୌଣସି ପରିସ୍ଥିତିରେ ବି ଖୁସି ରହି ପାରିବ । ପ୍ରତିକୂଳ ପରିସ୍ଥିତିରେ ବି ତାହାର ସ୍ୱଭାବ ଛାଡ଼ିବ ନାହିଁ । ଦୁଃଖ କଲେ କ'ଣ ହୋଇଯିବ, କିଏ ଆଣି ଦେଇଯିବ, ଲୋକେ ସହାନୁଭୂତିମୂଳକ କଥା କହିବେ ସିନା ଦୁଃଖର ଦୁଃଖ କେତେ ପରିମାଣରେ ଲାଘବ ହେବ ? ହେବ କେବଳ ନିଜ ମାନସିକତା ଦ୍ୱାରା । ରାଜସିକ ଭାବସମ୍ପନ୍ନ ବ୍ୟକ୍ତି କହିବେ, 'ନେହିଁ ଛୋଡେଙ୍ଗେ, ପାକର ହିଁ ରହେଙ୍ଗେ' ସେଥିପାଇଁ ଦୌଡ଼ିବେ, ନିଦ ହଜାଇ ଦେବେ, ପଇସା ଉଡାଇ ଦେବେ, ନେତାଙ୍କୁ ଧରାଧରି କରିବେ ତଥାପି ଯଦି ସଫଳ ନହୁଅନ୍ତି ତେବେ ମିତ୍ରଙ୍କୁ ଶତ୍ରୁ ଭାବିବେ । ଆମ ବିଫଳତାର କାରଣ ଯିଏ ବୋଲି ସେ ଭାବିବେ ତା ଉପରେ ରକ୍ତ ଚାଉଳ ଚୋବାଇବେ । ପରିଣତି ଖରାପରୁ ଅଧିକ ଖରାପ ଆଡ଼କୁ ଯିବ ସିନା, ଭଲଦିନ ଆସିବା ସୁଦୂର ପରାହତ ହୋଇଯିବ । ଯଦି ବି ଭଲଦିନ ଅର୍ଥାତ୍ ଆମ କାମନା ବାସନା ଚରିତାର୍ଥ ହୋଇଯିବ ତାହା ଭୋଗ କରିବାକୁ ଆମ ମନ, ଇନ୍ଦ୍ରିୟ ଓ ଦେହର ଅବସ୍ଥା ଆଉ ଉପଯୁକ୍ତ ହୋଇ ରହି ନଥିବ । ଭୋଗ୍ୟବସ୍ତୁ ଆଉ ସେତେ ଭୋଗ୍ୟ ଜଣାପଡ଼ିବ ନାହିଁ, ତାହା ମାଦକତା ହରାଇ ବସିଥିବ । ଯାହା ମିଳିବ ହରାଇବା ତୁଳନାରେ କାହିଁ କେତେ ପରିମାଣରେ କେତେ ବାଟରେ ଚାଲିଯାଇଥିବ । ଖୁସି ରହିବାର ମାନସିକତାକୁ ସମର୍ଥନ ଦିଏ ଆଧ୍ୟାତ୍ମିକତା । ମଣିଷ ଭଗବାନଙ୍କୁ ପାଇବାକୁ ସାଧନା କରି ନପାରେ, କିନ୍ତୁ ସୁଖଶାନ୍ତି ପାଇବାକୁ ନ ଚାହିଁବା କେଉଁଠାରେ କେବେହେଲେ ଦେଖାଯାଇନାହିଁ । ସେହି ସୁଖ ଶାନ୍ତି ପାଇବାର କେତେକ ସୂତ୍ର ଅଛି । ତାହାକୁ ପାଇବା ଓ ପାଳିବାକୁ ପଡ଼ିବ । ଭାରତ ଭୂମି ଏ ବାବଦରେ ବହୁ ଯୁଗ ଧରି ଏଭଳି ସୁନାମ ଅର୍ଜନ କରିଛି ଯେ ଅନ୍ୟ ସମସ୍ତ ଦେଶ ତାକୁ ଗୁରୁ ଆଖ୍ୟା ଦେଇଛନ୍ତି । ଏକବିଂଶ ଶତାବ୍ଦୀରେ, ପ୍ରଯୁକ୍ତି ବିଦ୍ୟାରେ ପାରଙ୍ଗମ ଦେଶମାନେ, ଧନଧାନ୍ୟରେ ବାଟ ଚାଲୁଥିବା ଦେଶମାନେ ମଧ୍ୟ ଆମ ଦେଶକୁ ଦୌଡୁଛନ୍ତି । ବହୁ ଅର୍ଥ ବ୍ୟୟ କରି, ବହୁ କଷ୍ଟ ସ୍ୱୀକାର କରି, ନିଜ ଦେଶରେ ବହୁ ସୁଖ ସ୍ୱାଚ୍ଛନ୍ଦ୍ୟ ତ୍ୟାଗ କରି, ବହୁ ସମ୍ପ□ ଅନ୍ୟକୁ ହସ୍ତାନ୍ତର କରି ଭାରତକୁ ଆସି କ'ଣ ପାଇବେ, କ'ଣ ଏଠାରେ ଶିଖିବେ ? ଯାହା ଶିଖିବେ ତା'ର ଉପଯୋଗ କଲେ ଟିକିଏ ହସିପାରିବେ ମାତ୍ର । ଏଇ ଟିକିଏ ହସ ତାଙ୍କ ପାଇଁ କେତେ ମୂଲ୍ୟବାନ । କେବଳ ତାଙ୍କ ପାଇଁ ନୁହେଁ ଏହା ସମସ୍ତଙ୍କ ପାଇଁ ମୂଲ୍ୟବାନ । ଭାରତୀୟମାନଙ୍କ ରକ୍ତରେ ଆଧ୍ୟାତ୍ମିକତା ପ୍ରବାହିତ, ଭାରତୀୟମାନେ ପାନ କରୁଥିବା ଜଳରେ ଆଧ୍ୟାତ୍ମିକତା, ତାଙ୍କ ଶ୍ୱାସ ପ୍ରଶ୍ୱାସର ବାୟୁରେ ଆଧ୍ୟାତ୍ମିକତା, ତାଙ୍କ ଭାତ ପଖାଳରେ ଆଧ୍ୟାତ୍ମିକତା, ତାଙ୍କ ରାଖି ସୂତାରେ ଆଧ୍ୟାତ୍ମିକତା, ସେମାନେ ଚାଲୁଥିବା ମାଟିରେ ଆଧ୍ୟାତ୍ମିକତା, ସେମାନେ ଗାଉଥିବା ଗୀତରେ ଆଧ୍ୟାତ୍ମିକତା, ସେମାନଙ୍କ ପିତାମାତା ଠାକୁର ଠାକୁରାଣୀ, ସହୋଦର ସହୋଦରା ଠାକୁରଙ୍କ ପ୍ରତିରୂପ । ସେମାନଙ୍କ ବାସଗୃହ ଭଗବାନଙ୍କ ନିଳୟ । ସେଥିପାଇଁ ହସିବା ତାଙ୍କ ପାଇଁ ସହଜାତ ଓ ସହଜ । ଆଧ୍ୟାତ୍ମିକତାର ଯଦି କିଛି ମୂଲ୍ୟ ଥାଏ ହସର ମୂଲ୍ୟ ମଧ୍ୟ ସେତିକି । କାରଣ ଆଧ୍ୟାତ୍ମିକ ସାଧନା ସେତିକି ଗଭୀରତର ହେଲେ ଯାଇ ଜଣେ ମଧୁର ହସ ହସିପାରିବ । କୃତ୍ରିମ ହସ, ଅଭିନୟ ହସ, ଅଭିସନ୍ଧିମୂଳକ ହସ କ'ଣ ଆଧ୍ୟାତ୍ମିକ ହସ ସହ ତୁଳନା ହୋଇପାରିବ ? କେବେହେଲେ ନୁହେଁ । ଆଉ ଏକ ମାର୍ଗ ଅଛି ଅତି ସହଜ, ସାଧନା ସାପେକ୍ଷ ନୁହେଁ ତାହାପାଇଁ କିଛି ତ୍ୟାଗ କରିବାକୁ ପଡ଼ିବ ନାହିଁ, କିଛି ଖର୍ଚ୍ଚ କରିବାକୁ ପଡ଼ିବ ନାହିଁ, କୌଣସି ଡିଗ୍ରୀ ହାସଲ କରିବାକୁ ପଡ଼ିବ ନାହିଁ, ଉଚ୍ଚକୁଳରେ ଜନ୍ମ ହେବାକୁ ପଡ଼ିବ ନାହିଁ, ଦୀକ୍ଷା ନେବାକୁ ପଡ଼ିବ ନାହିଁ, ବ୍ରତ ପିନ୍ଧିବାକୁ ପଡ଼ିବ ନାହିଁ, ତାହା ହେଉଛି ନିରୋଳା ଭଲ ପାଇବା । ନିସ୍□, ନିଃସ୍ୱାର୍ଥ, ନିରଭିମାନ, ନିରହଂକାର ପ୍ରେମଭାବ । କୌଣସି ପ୍ରତ୍ୟାଶା ନରଖି କେବଳ ଭଲ ପାଇବା, ଜୀବନ ପରିସର ଭିତରକୁ ଯିଏ ଆସିଲା ତାକୁ ଭଲ ପାଇବା, ଆମକୁ ହତାଦର କରୁଥିବା ଲୋକକୁ ମଧ୍ୟ ଭଲ ପାଇବା । ଅପମାନ ମିଳିପାରେ, ପ୍ରତ୍ୟାଘାତ ମିଳିପାରେ, କେତେଜଣଙ୍କ ପାଖରେ ଠକାମୀରେ ପଡ଼ିଯାଇପାରୁ, ସେଠାରେ ସତର୍କ ହୋଇଯିବା ସିନା ତା'ପ୍ରତି ଘୃଣା ଭାବ ପୋଷଣ କରିବା ନାହିଁ । ସେ କରିଥିବା କର୍ମକୁ ଘୃଣା କରାଯାଉ, ଦେଖିବା ଯେମିତି ତାହା ଆମ ଦ୍ୱାରା ନ ହେଉ, ବ୍ୟକ୍ତିକୁ ଘୃଣା ନକରି ସତର୍କତା ଅବଲମ୍ବନ କରି ନେବାକୁ ହେବ । ଏହି ମାର୍ଗରେ ଚାଲୁ ଚାଲୁ କୌଣସିଠାରେ ଠୋକର ଖାଇବାକୁ ପଡ଼ିପାରେ । ସେତେବେଳେ ଭାବିବେ ନାହିଁ ଯେ ମୋ' ଖୁସି ଭାବ ଯୋଗୁଁ ମୁଁ ଠୋକର ଖାଇଲି । ଅପରପକ୍ଷର ଠୋକର ଦେବା ଗୁଣ ଯୋଗୁଁ ସେ ଠୋକର ଦେବାକୁ ସୁଯୋଗ ପାଇଲା । ନିଜ ପ୍ରେମଭାବ ଅତୁଟ ରଖିବାକୁ ହେବ । ଆମେ ତ' କାହା ଦେହକୁ ପ୍ରେମ କରୁନେ, କାହା ଧନକୁ ପ୍ରେମ କରୁନେ, କାହା ସୌନ୍ଦର୍ଯ୍ୟକୁ ପ୍ରେମ କରୁନେ, ଜଣଙ୍କର ଦେହ, ମନ ବୁଦ୍ଧି, ବିଚକ୍ଷଣତା, ପାରଦର୍ଶିତା ପ୍ରଭୃତି ଯାହାଦ୍ୱାରା ଚଳତ୍‌ଶକ୍ତି ପ୍ରାପ୍ତ ହୋଇଛି ସେହି ଅଦୃଶ୍ୟ ଆତ୍ମାକୁ ପ୍ରେମ କରୁଛୁ । ସେହି ଆତ୍ମା ହିଁ ପ୍ରେମ୍ୟ । ଈଶ୍ୱରବିଶ୍ୱାସୀମାନେ କହନ୍ତି ଜୀବନରେ ଯାହା ଘଟୁଛି ତାହା ସବୁ ସେହି ଈଶ୍ୱରଙ୍କ ଦ୍ୱାରା ହିଁ ହେଉଛି । ତେଣୁ ଯେଉଁ ପ୍ରତିକୂଳ ପରିସ୍ଥିତିମାନ ଆସିଛି ତାହା ମଧ୍ୟ ସେହି ଈଶ୍ୱରଙ୍କ ଉପହାର ଆମ ପ୍ରତି । ପ୍ରତିକୂଳ ପରିସ୍ଥିତିରେ ଭଲ ଭଲ ଜ୍ଞାନ ଉଦୟ ହୁଏ । ଈଶ୍ୱରଙ୍କ ନିକଟବ□ୀ ହେବାର ବୁଦ୍ଧି ପ୍ରତିକୂଳ ପରିସ୍ଥିତିରୁ ମୁକୁଳିବା ପାଇଁ ପ୍ରାର୍ଥନାକୁ ବଳବ□ର କରିବାର ଇଚ୍ଛା ଦୃଢ଼ରୁ ଦୃଢ଼ତର ହୋଇଥାଏ । ଭଗବାନଙ୍କ ଇଚ୍ଛାରେ ମିଳୁଥିବା ସବୁକିଛିକୁ ଭଲ ବୋଲି କହିବା ହିଁ ଭକ୍ତି । ଈଶ୍ୱରଙ୍କ କୌଣସି ଉପହାରକୁ ନିନ୍ଦା କରି କେହି କେବେ ତାଙ୍କ ପ୍ରିୟ ହେଲାଣି ? ତାଙ୍କ ପ୍ରିୟ ହେବା ନ ହେବା ସବୁ କିଛି ମଣିଷ ହାତରେ ହିଁ ଅଛି । ତେଣୁ ଗୀତା କହେ-'ସନ୍ତୁଷ୍ଟ ସତତଂ ଯୋଗୀ' ସର୍ବଦା ସନ୍ତୁଷ୍ଟ ହୋଇ ରହିବାକୁ ପଡ଼ିବ, ତେବେ ଯାଇ ଜଣେ ସର୍ବଦା ହସିପାରିବ ।

*-ଅଲିଶା ବଜାର, କଟକ,*
*ଦୂରଭାଷ: ୯୪୩୭୫୧୧୨୩୦*

# ନମ୍ରତା, ଉଦାରତା ବ୍ୟକ୍ତିତ୍ୱର ପରିମାପକ



**ଜ**ଣେ ବୈଜ୍ଞାନିକଭାବେ ବିଶ୍ୱଦରବାରରେ ନିଜର ପ୍ରତିଭା ତଥା ଆବିଷ୍କାର ଯୋଗୁ ନୋବେଲ ପୁରସ୍କାରର ଅଧିକାରିଣୀ ହୋଇଥିଲେ ମ୍ୟାଡାମ୍ କ୍ୟୁରୀ, ମାତ୍ର ତାଙ୍କର ଚଳଣି ଥିଲା ଅତ୍ୟନ୍ତ ସାଧାରଣ । ନୋବେଲ ପୁରସ୍କାର ପାଇଲାପରେ ସମାଜର ବିଭିନ୍ନ ମହଲ ତଥା ବିଭିନ୍ନ ବର୍ଗର ଲୋକମାନେ ତାଙ୍କୁ ସାକ୍ଷାତ୍ କରିବା ପାଇଁ ଉତ୍ସୁକ ହୋଇ ପଡିଥିଲେ, ମାତ୍ର ମ୍ୟାଡାମ୍ କ୍ୟୁରୀଙ୍କର ସେଥିପ୍ରତି ବିଶେଷ ଧ୍ୟାନ ନ ଥିଲା । ନିଜର ଯଶ ଖ୍ୟାତିକୁ ନେଇ ସେ କେବେହେଲେ ନିଜକୁ ବଡ ମନେ କରୁ ନ ଥିଲେ । ଏପରିକି ପୁରସ୍କାର ପାଇଲାପରେ ତାଙ୍କର ଚଳଣୀ, ହାବଭାବରେ କୌଣସି ପରିବର୍ତ୍ତନର ଆଭାଷ ମିଳି ନ ଥିଲା । ନିଜର ସୁଖ୍ୟାତିରେ ସେ ପ୍ରସନ୍ନ ତଥା ଉତ୍‌ଫୁଲ ନ ହୋଇ ନିଜର ଅଧ୍ୟୟନ ଓ ଗବେଷଣାରେ ସେ ମନୋନିବେଶ କରୁଥିଲେ । ଏକଦା ଜଣେ ନାମୀ ଖବରକାଗଜର ଜନୈକ ସାମ୍ବାଦିକ ତାଙ୍କର ଏହି ସଫଳତା ପାଇଁ ତାଙ୍କର ସାକ୍ଷାତ୍‌କାର ପାଇଁ ଆସିଥିଲେ । ସେହି ସମୟରେ ମ୍ୟାଡାମ୍ କ୍ୟୁରୀ ନିଜର ବାହାର ବାରଣ୍ଡା ସଫା କରୁଥିଲେ । ଦେଖିବାକୁ ଅତି ସାଧାସିଧା । ତାଙ୍କର ବେଶଭୂଷାରୁ ସାମ୍ବାଦିକ ଠଉରାଇ ନେଇଥିଲେ ଯେ ସେ ଘରର ନିଶ୍ଚିତପକ୍ଷେ ଚାକରାଣୀ ହୋଇଥିବେ । ତେଣୁ ସେ ମ୍ୟାଡାମ୍ କ୍ୟୁରୀଙ୍କୁ ପଚାରିଥିଲେ ଆପଣ କ'ଣ ଘରର ଚାକରାଣୀ । ଅତି ନମ୍ରତାର ସହ ମ୍ୟାଡାମ୍ କ୍ୟୁରୀ କହିଥିଲେ ହଁ ଆଜ୍ଞା, କୁହନ୍ତୁ କ'ଣ କାମ ଅଛି । ମ୍ୟାଡାମ୍ କ୍ୟୁରୀ କହିଥିଲେ ଘରର ମାଲିକାଣୀ ଘରେ ନାହାଁନ୍ତି । ସେ ବାହାରକୁ ଯାଇଛନ୍ତି । ସାମ୍ବାଦିକ ପ୍ରଶ୍ନ କରିଥିଲେ ସେ ଶୀଘ୍ର ଆସିବେ ନା ବିଳମ୍ବ ହେବ । ମ୍ୟାଡାମ୍ କ୍ୟୁରୀ କହିଥିଲେ ମାଲିକାଣୀଙ୍କ ମନର କଥା ମୁଁ କିପରି କହିବି ? ମାତ୍ର ମୁଁ ଜାଣିଛି ସେ କୁଆଡେ ବାହାରକୁ ଗଲେ ଫେରିବାରେ ପ୍ରାୟ ବିଳମ୍ବ ହୋଇଥାଏ । ପୁନର୍ବାର ସାମ୍ବାଦିକ ପ୍ରଶ୍ନ କରିଥିଲେ ସେ ଗଲାବେଳେ କ'ଣ କିଛି ଆପଣଙ୍କୁ କହିଯାଇଥିଲେ ? ନା ଯିବା ପୂର୍ବରୁ ସେ ଗୋଟିଏ ଛୋଟିଆ କଥାଟିଏ ମୋତେ ବୁଝାଉଥିଲେ । ଯାହା ଥିଲା ମଣିଷର ବେଶଭୂଷାରୁ ତା'ର ପରିଚୟ ମିଳି ନଥାଏ, ମିଳିଥାଏ ତାର ବିଚାରଧାରା ଓ କ୍ରିୟାକଳାପରୁ । ହତବାକ୍ ହୋଇଯାଇଥିଲେ ପ୍ରଶ୍ନକର୍ତ୍ତା ସାମ୍ବାଦିକ । ବୁଝିବାକୁ ଆଉ ବାକି ନ ଥିଲା । ଜଣେ ସାମ୍ବାଦିକ ହୋଇ ମଣିଷ ଚିହ୍ନିବାରେ ଏପରି ଭୁଲ୍ କରିଥିବାରୁ, ସେ ମ୍ୟାଡାମ୍ କ୍ୟୁରୀଙ୍କୁ ଚାକରାଣୀ ଭାବିଥିବାରୁ ନିଜର ଅକ୍ଷମଣୀୟ ଅପରାଧ ପାଇଁ ମ୍ୟାଡାମଙ୍କୁ କ୍ଷମାଭିକ୍ଷା କରିଥିଲେ । ହସି ହସି ମ୍ୟାଡାମ୍ କ୍ୟୁରୀ କହିଥିଲେ ବାବୁ କାହାର ବେଶଭୂଷାକୁ ଦେଖି ତାହାର ବିଚାରଧାରାକୁ ମପାଯାଇପାରେନା । ତାଙ୍କର ସରଳତା, ଉଦାରତା, ନମ୍ରତା ସାମ୍ବାଦିକଙ୍କୁ ଅଭିଭୂତ କରିଥିଲା । ସମସ୍ତଙ୍କ ପାଖରେ ସେ ତାଙ୍କର ଭୂୟସୀ ପ୍ରଶଂସା କରିଥିଲେ । ମଣିଷର ବାହ୍ୟକୁ ନୁହେଁ, ତା'ର ଅନ୍ତଃପ୍ରକୃତି କ୍ରିୟାକଳାପରୁ ହିଁ ତା'ର ପରିଚୟ ମିଳିଥାଏ । ପ୍ରତ୍ୟେକ ମନେରଖିବା କଥା ନମ୍ରତା ଉଦାରତା ବ୍ୟକ୍ତିତ୍ୱର ପରିମାପକ ।

**ଉମାଶଙ୍କର ପ୍ରସାଦ**, ସମ୍ପାଦକ, ମାର୍ଗଦର୍ଶୀ ତଥା ସ୍ତମ୍ଭକାର, ମୋ. ନଂ-୬୩୭୦୬୭୫୫୬୨




# ବଲାଙ୍ଗିରର ଅଜୟ ଅମର ହେଲେ ସାରେଗାମାପା ୱିନର

ବଲାଙ୍ଗିର, (ପି.ଏନ): ଓଡିଶାର ବହୁ ଚର୍ଚ୍ଚିତ ଟିଭି ରିୟଲିଟି ସୋ ଜି ସାର୍ଥକ ସାରେଗାମାପା ସ୍ୱରର ମହାମଂଚ-୨୦୨୨ ରେ ନିଜର ସୁମଧୁର କଣ୍ଠର ଚମତ୍କାରିତା ପ୍ରଦର୍ଶନ ପୂର୍ବକ ବଲାଙ୍ଗିରର ଅଜୟ ଅମର ସିଂହ ଦେଓ ପ୍ରଥମ ସ୍ଥାନ ଅଧିକାର କରି ବିଜେତା ଘୋଷିତ ହୋଇଛନ୍ତି । ଏହାଦ୍ୱାରା ସେ ସମଗ୍ର ପଶ୍ଚିମ ଓଡିଶା ସହ ବଲାଙ୍ଗିର ଜିଲ୍ଲା ପାଇଁ ନୂତନ ବର୍ଷରେ ଏକ ନୂତନ ଗୌରବ ଆଣି ଦେଇଛନ୍ତି । ଜୁଲାଇ ୨୦୨୨ ରୁ ୧ ଜାନୁୟାରୀ ୨୦୨୩ ପର୍ଯ୍ୟନ୍ତ ଦୀର୍ଘ ୬ ମାସ ଧରି ଚାଲୁରହିଥିବା ଏହି ପ୍ରତିଯୋଗିତାମୂଳକ ରିୟଲିଟି ସୋ ପାଇଁ ବଲାଙ୍ଗିର ସମେତ ସମଗ୍ର ଓଡିଶାର କୋଣ ଅନୁକୋଣରୁ ଅସଂଖ୍ୟ କଣ୍ଠଶିଳ୍ପୀଙ୍କ ମଧ୍ୟରୁ ୪ର୍ଥ ପର୍ଯ୍ୟାୟରେ ୨୪ ଜଣଙ୍କୁ ଏବଂ ବିଭିନ୍ନ ପର୍ଯ୍ୟାୟ କ୍ରମେ ଅନ୍ତିମ ପର୍ଯ୍ୟାୟରେ ଶ୍ରେଷ୍ଠ ୮ ଜଣଙ୍କୁ ଚୟନ କରାଯାଇଥିଲା । ୧ ଜାନୁଆରୀ ୨୦୨୩ ରେ ପ୍ରସାରିତ ଚୂଡାନ୍ତ ପର୍ଯ୍ୟାୟରେ ଅଜୟ ଅମର ବିଜେତା ଘୋଷିତ ହୋଇ ଏକ ନୂତନ କିର୍ତିମାନ ସ୍ଥାପନ କରିଛନ୍ତି । ତାଙ୍କ ସହ କଣ୍ଠଶିଳ୍ପୀ ଆଠଗଡର ସୌଜନ୍ୟା ରଥ ମଧ ଦ୍ୱେତ ଭାବରେ ବିଜେତା ହୋଇଛନ୍ତି । ପୁରସ୍କାର ବାବଦକୁ ୪ ଲକ୍ଷ ଅର୍ଥରାଶି ଓ ୨୪ କ୍ୟାରେଟ (୧ ଲକ୍ଷ ୧୦ ହଜାର)ର ସ୍ୱର୍ଣ୍ଣ ମୁଦ୍ରା ପ୍ରଦାନ କରାଯାଇଛି ।ଶ୍ରୀମାନ ଅଜୟ ଅମର ଶୈଶବ କାଳରୁ ନିଜ ପିତା ବିଶିଷ୍ଟ ସଙ୍ଗୀତଜ୍ଞ ଓ ଚିତ୍ର ଶିଳ୍ପୀ ତଥା ଚିତ୍ର ସଙ୍ଗୀତ ମହାବିଦ୍ୟାଳୟ “କଳାଧାମ” ର ଅଧକ୍ଷ ଦିଲ୍ଲିପ କୁମାର ସିଂହଦେଓଙ୍କ ଠାରୁ ଯନ୍ତ୍ର ସଙ୍ଗୀତ ଓ କଣ୍ଠ ସଙ୍ଗୀତର ବିଧିବଦ୍ଧ ଶିକ୍ଷାଲାଭ କରିବା ସହ ବେହେଲା (ଭାଓଲିନ) ବାଦନ ପାଇଁ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରାଳୟ ସିସିଆରଟି, ନୂଆଦିଲ୍ଲୀରୁ ନ୍ୟାସନାଲ ସ୍କଲାରସିପ୍ ଏବଂ ଓଡିଶା ସରକାରଙ୍କ ଯୁବ ଉତ୍ସବ -୨୦୧୭ ରେ ଗିଟାର ବାଦନରେ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି । ସେ ତାଙ୍କ ମାତା ନଳିନୀ ସିଂହଙ୍କ ପ୍ରେରଣା ଓ ବଳିଷ୍ଠ ତତ୍ତ୍ୱାବଧାନ ଯୋଗୁ ଏତେ ବାଟ ଆଗକୁ ଯାଇପାରିଛନ୍ତି ବୋଲି କହନ୍ତି । ଅଜୟ ଅମର ବିଜେତା ଘୋଷିତ ପରେ ବନ୍ଧୁ, ପରିବାର ତଥା ସମଗ୍ର ବଲାଙ୍ଗିର ଜିଲ୍ଲାରେ ଏକ ଖୁସିର ବାତାବରଣ ସୃଷ୍ଟି ହେବା ସହ ସମସ୍ତେ ତାଙ୍କୁ ବଧାଇ ଜଣାଇଛନ୍ତି ଏବଂ ନବବର୍ଷର ଶୁଭାଶିର୍ବାଦ ପ୍ରଦାନ କରିଛନ୍ତି ।

## ହାତୀ ଆକ୍ରମଣରେ ଜଣେ ମୃତ, ୧ ଗୁରୁତର

ଖୋର୍ଦ୍ଧା, (ପି.ଏନ): ବିଳମ୍ବିତ ରାତିରେ ଧାନ ଖଳାରେ ହାତୀ ଆକ୍ରମଣରେ ଜଣକର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି । ଖୋର୍ଦ୍ଧା ବନାଂଚଳ ଜଙ୍କିଆ ଥାନା ଅନ୍ତର୍ଗତ ସିକୋ ଗ୍ରାମରେ ଗତ ରାତିରେ ଧାନ ଖଳା ଜଗିଥିବା ବେଳେ ହାତୀ ଆକ୍ରମଣରେ ଗ୍ରାମର ରତ୍ନାକର ବେହେରାଙ୍କ ମୃତ୍ୟୁ ଘଟିଛି । ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି । ଗୁରୁତରଙ୍କୁ ପ୍ରଥମେ ଖୋର୍ଦ୍ଧା ଏବଂ ପରେ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତରିତ କରାଯାଇଛି । ଆହତଙ୍କ ଜଣକ ହେଲେ ଦିନବନ୍ଧୁ ବରାଳ ।ସୂଚନା ମୁତାବକ, ଏବେ ଧାନ ଅମଳ ସମୟ । ଚାଷୀ ଧାନ ଅମଳ କରି ଖଳାରେ ସାଇତି ରଖୁଛନ୍ତି । ଏହି ସମୟରେ ହାତୀ ଉପଦ୍ରବ ଲାଗି ରହିଛି । ଖଳାରେ ପଶି ଧାନ ଖାଇ ଯାଉଛନ୍ତି ହାତୀପଲ । ଫଳରେ ଲୋକେ ଧାନଖଳାରେ ରାତିସାରା ଜଗୁଛନ୍ତି । ଗତକାଲି ରତ୍ନାକର ଧାନ ଅମଳ କରି ଖଳାରେ ରଖିଥିଲେ । ବିଳମ୍ବିତ ରାତିରେ ହାତୀ ଖଳାରେ ପଶି ଧାନ ଖାଉଥିବା ବେଳେ ରତ୍ନାକର ଓ ସହଯୋଗୀ ଦିନବନ୍ଧୁ ହାତୀକୁ ଘଉଡାଇବା ବେଳେ ହାତୀ ଆକ୍ରମଣ କରିଥିଲା । ରତ୍ନାକରଙ୍କୁ ହାତୀ ଦଳି ଦେଇଥିବା ବେଳେ ଦିନବନ୍ଧୁଙ୍କୁ ଶୁଣ୍ଢରେ ଟେକି ଫୋପାଡି ଦେଇଥିଲା । ଉଭୟଙ୍କୁ ଗୁରୁତର ଅବସ୍ଥାରେ ଖୋର୍ଦ୍ଧା ମେଡିକାଲକୁ ନିଆଯାଇଥିଲା । ହେଲେ ସେଠାରେ ଡାକ୍ତର ରତ୍ନାକରଙ୍କୁ ମୃତ ଘୋଷଣା କରିଥିଲେ ।

# ଚାନ୍ଦିଲି ପାହାଡ ମହୋତ୍ସବରେ ଯୋଗ ଦେଲେ ନରସିଂହ

ବଲାଙ୍ଗିର, (ପି.ଏନ): ପ୍ରାକୃତିକ ପରିବେଶ ଭରା ବଲାଙ୍ଗିର ନିର୍ବାଚନ ମଣ୍ଡଳି ସର୍ବାଙ୍ଗିନ ବିକାଶ କ୍ଷେତ୍ରରେ ଆମେ ତତ୍ପର ରହିବା ଦରକାର । ବଲାଙ୍ଗିର ର ପୂର୍ବ ଦିଗରେ ଭୀମ ପାହାଡର ବିକାଶ ଦ୍ରୁତ ବେଗରେ ଚାଲିଛି । ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକ ପ୍ରତ୍ୟେକ ଦିନ ଭୀମପାହାଡକୁ ନୈକାବିହାର ତଥା ମନୋରଂଜନ ପାଇଁ ଭିଡ ଜମାଉଛନ୍ତି । ଠିକ୍ ସେହିପରି ଦେଓଗାଁ ବ୍ଲକର ବଲାଙ୍ଗିର ର ପଶ୍ଚିମ ଦିଗରେ ଥିବା ଦେଷଣ୍ଡ ପଂଚାୟତ ଅନ୍ତର୍ଗତ ଚାନ୍ଦଲି ପାହାଡର ମଧ୍ୟ ପର୍ଯ୍ୟଟକଙ୍କୁ ଆକୃଷ୍ଟ କଲାଭଳିଆ ଏକ ସୁନ୍ଦର ପର୍ଯ୍ୟଟନ ସ୍ଥଳିରେ ପରିଣତ କରାଯିବ ବୋଲି ଆଜି ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ଚାନ୍ଦଲି ମହୋତ୍ସବରେ ଯୋଗଦେଇ ନିଜ ପ୍ରତିକ୍ରିୟାରେ କହିଛନ୍ତି । ମହୋତ୍ସବର ଚତୁର୍ଥ ଦିବସରେ ବିଧାୟକ ଶ୍ରୀ ମିଶ୍ର ଯୋଗଦେଇ ଏହା ମଧ କହିଛନ୍ତି ଯେ ଏଠାକୁ ମୁଖ୍ୟ ରାସ୍ତାରୁ ପାହାଡ ପର୍ଯ୍ୟନ୍ତ ସୁନ୍ଦର ରାସ୍ତା କରାଯିବ । ଜଙ୍ଗଲ ଯେପରି ସୁରକ୍ଷିତ ରହିବ ତାର ବ୍ୟବସ୍ଥା କରାଯିବ । ପର୍ଯ୍ୟଟକ ଆସି ଏଠାରେ ଯେପରି ପୂର୍ଣ୍ଣ ସୁରକ୍ଷା ସହ ପରିବେଶର ମଜା ନେଇ ପାରିବେ ସେଥିପାଇଁ ଶିଘ୍ର ପଦକ୍ଷେପ ନିଆଯିବ ବୋଲି କହିଥିଲେ । ଆଗାମୀ ଦିନରେ ଏଠାରେ ଯାତ୍ରୀଙ୍କ ପାଇଁ ଶୌଚାଳୟ ପାହାଡ ଉପରକୁ ସୁଦୃଶ୍ୟ ପାହାଚ, ବିଜୁଳି, ବସିବାର ସ୍ଥାନ, ସୁନ୍ଦର ଆଲୋକିକରଣ ବ୍ୟବସ୍ଥା କରାଯିବ ବୋଲି କହିଥିଲେ । ଉପସ୍ଥିତ ଥିବା ଆୟୋଜକ କମିଟି ଓ ଅଂଚଳବାସୀଙ୍କ ଦାବି ମୁତାବକ ପାହାଡ ଉପରକୁ ଏକ ସୁନ୍ଦର ବୁଲାଣିଆ ରାସ୍ତା ନିର୍ମାଣ ପାଇଁ ସେ ନିଜ ବିଧାୟକ ପାଣ୍ଠିରୁ ୧୦ଲକ୍ଷ ଟଙ୍କା ଅନୁଦାନ ରାଶି ଘୋଷଣା କରିଥିଲେ । ହଜାର ହଜାର ସଂଖ୍ୟାରେ ଏହି ଉତ୍ସବ ଦେଖିବା ପାଇଁ ଲୋକେ ଏଠାରେ ରୁଣ୍ଡ ହେଉଥିବାରୁ ଆଗାମୀ ଦିନରେ ଲୋକେ ଯେପରି ପିଇବା ପାଣି ସମେତ ସମସ୍ତ ପ୍ରକାର ସୁବିଧା ସୁଯୋଗ ସୁଯୋଗ ପାଇପାରିବେ ବୋଲି ସେ ନିଜ ପ୍ରତିକ୍ରିୟାରେ କହିଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ବିଧାୟକ ଶ୍ରୀ ମିଶ୍ରଙ୍କ ବ୍ୟତିତ ଆୟୋଜନ କମିଟିର ସଭାପତି ଦିନବନ୍ଧୁ ମେହେର, ଉପ-ସଭାପତି ରବିନ୍ଦ୍ର କୁମାର ସାଏ, ସଂପାଦକ ଜୁଲୁ ଷଡଙ୍ଗୀ, କୋଷାଧକ୍ଷ ସ୍ୱୟଂବର ମେହେର, ଦେଷଣ୍ଡ ସରପଂଚ ଯଶୋଦା ମେହେର, ସମିତି ରୁତିକା ଧରୁଆ, ସାରସମାଲ ସରପଂଚ ଗୋପାଲ କୃଷ୍ଣ ବାଗ, ସିଂହାମୁଣ୍ଡା ସରପଂଚ ଜାହ୍ନବି ମହାରଣା, ରଘୁମଣି ରଣା, ଅସିତ ମିଶ୍ର, କୈଳାସ ମିଶ୍ର, କାନ୍ତେଶ୍ୱର ପ୍ରଧାନ, ରାମଜୀ ଚୌଧୁରୀ, ମୟ ପ୍ରଧାନୀ ଙ୍କ ସମେତ ଅନେକ ସଭ୍ୟ ଓ ଗ୍ରାମବାସୀ ଉପସ୍ଥିତ ଥିଲେ ।

## ବଲାଙ୍ଗିରରେ ହକି ବିଶ୍ୱକପ ଟ୍ରଫିକୁ ସ୍ୱାଗତ କରିବା ଅବସରରେ ମିନି ମାରାଥନ, ଟିଟିଲାଗଡ଼ରେ ସମ୍ବର୍ଦ୍ଧନା

ବଲାଙ୍ଗିର, (ପି.ଏନ): ବଲାଙ୍ଗିରରେ ହକି ବିଶ୍ୱକପ ଟ୍ରଫିକୁ ସ୍ୱାଗତ କରିବା ଅବସରରେ ଜିଲ୍ଲା ପ୍ରଶାସନ ତରଫରୁ ମିନି ମାରାଥନ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ପରିଷଦ ସଭାପତି ଦେବକୀ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍ଘାଟନ କରିଥିଲେ । ସମ୍ମାନିତ ଅତିଥି ମଧ୍ୟରେ ପୌରାଧକ୍ଷା ଲିକା ସାହୁ, ଅତିରିକ୍ତ ଜିଲ୍ଲାପାଳ ଅନନ୍ତ ନାରାୟଣ ସିଂ ଲାଗୁରୀ, ଅତିରିକ୍ତ ଜିଲ୍ଲାପାଳ କୁମାର ନାଗଭୂଷଣ ଓ ଜିଲ୍ଲା ପ୍ରଶାସନର ଅନ୍ୟ ଅଧିକାରୀ ମାନେ ଯୋଗଦାନ କରିଥିଲେ । ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମ ଠାରୁ ମାରାଥନ ବାହାରି ଥିଲା ଓ ଲିଟିଲ ଫ୍ଲାୱାର ସ୍କୁଲ ପାଖ ଯାଇ ଫେରିଥିଲା । ଆଜି ହକି ବିଶ୍ୱକପ ବଲାଙ୍ଗିରରେ ପହଂଚିବା ପରେ ଏହାକୁ ସ୍ୱାଗତ କରିବା ପାଇଁ ବଲାଙ୍ଗିରରେ ବିଭିନ୍ନ କାର୍ଯ୍ୟକ୍ରମ ରହିଥିବା ବେଳେ ଅପରାହ୍ନରେ ହକି ୱାର୍ଲ୍ଡ କପ ବଲାଙ୍ଗିରରେ ପହଂଚିଛି । ଅନ୍ୟପକ୍ଷରେ ଆଜି ଟ୍ରଫି ବଲାଙ୍ଗିର ଜିଲ୍ଲାରେ ପ୍ରବେଶ କରିଥିବା ବେଳେ ସବୁସ୍ତରରେ ସ୍ୱାଗତ କରାଯାଇଛି । ଟିଟିଲାଗଡ଼ ଠାରେ ପ୍ରଶାସନ ପକ୍ଷରୁ ସ୍ୱାଗତ କରାଯାଇଛି । ଟିଟିଲାଗଡ଼ ଉପଜିଲ୍ଲାପାଳ, ମୁନିସିପାଲଟି ଚେୟାରମ୍ୟାନ, ନିର୍ବାହୀ ଅଧିକାରୀ ସମେତ ଛାତ୍ରଛାତ୍ରୀ ଓ ନିର୍ବାଚିତ ଲୋକ ପ୍ରତିନିଧି ପୁଲିସ ବିଭାଗ ଅଧିକାରୀ ଓ କର୍ମଚାରୀମାନଙ୍କ ଉପସ୍ଥିତିରେ ହକି ବିଶ୍ୱକପ ଟ୍ରଫିକୁ ସ୍ୱାଗତ କରାଯାଇଛି ।

# ୨୮ ପୁରି ୨୯ ବର୍ଷରେ ପଦାର୍ପଣ କଲା ବୌଦ୍ଧ ଜିଲ୍ଲା

ବୌଦ୍ଧ,(ପି.ଏନ): ୨୮ ପୁରି ୨୯ ବର୍ଷରେ ପଦାର୍ପଣ କରିଛି ବୌଦ୍ଧ ଜିଲ୍ଲା । ୧୯୯୪ ମସିହା ଜାନୁଆରୀ ୨ ତାରିଖରେ ଅବିଭକ୍ତ ଫୁଲବାଣୀ ଜିଲ୍ଲାରୁ ବୌଦ୍ଧ ଜିଲ୍ଲା ସ୍ୱତନ୍ତ୍ର ଭାବେ ଗଢ଼ି ଉଠିଥିଲା । ବୌଦ୍ଧ, କଂଟାମାଳ ଏବଂ ହରଭଙ୍ଗା ବ୍ଲକ ସହ ଗୋଟିଏ ସବଡିଭିଜନକୁ ନେଇ ବୌଦ୍ଧ ଜିଲ୍ଲା ଗଠନ ହୋଇଛି । ୨୯ ବର୍ଷରେ ପାଦ ଥାପିଥିବା ଏହି ଜିଲ୍ଲା ଇତିମଧ୍ୟରେ ୩୦ ଜଣ ଜିଲ୍ଲାପାଳଙ୍କୁ ପାଇଛି । ଏହି ଜିଲ୍ଲା ଆଗାମୀ ଦିନରେ ପଶ୍ଚିମ ଓଡ଼ିଶା ସହିତ ସଂଯୋଗ ହେବାକୁ ଯାଉଛି । ସ୍ଥାନୀୟ ଜନପ୍ରତିନିଧି ଓ ପ୍ରଶାସନିକ ଅଧିକାରୀଙ୍କ ଉଦ୍ୟମ ବଳରେ ବିକାଶ କ୍ଷେତ୍ରରେ ଅଗ୍ରଗତି କରୁଛି ବୌଦ୍ଧ ଜିଲ୍ଲା । ମର୍ଜାକୁଦ ଦ୍ୱୀପର ବିକାଶ ପାଇଁ ବ୍ରିଜ ନିର୍ମାଣ ଠାରୁ ଆରମ୍ଭ କରି ପର୍ଯ୍ୟଟନର ବିକାଶ ପାଇଁ ବ୍ୟାପକ ଯୋଜନା କରାଯାଇଛି । ଆଗାମୀ ଦିନରେ ଜିଲ୍ଲାରେ ୨୦୦ରୁ ଉର୍ଦ୍ଧ୍ୱ ଶଯ୍ୟା ବିଶିଷ୍ଟ ଡ଼ାକ୍ତରଖାନା ନିର୍ମାଣ ପାଇଁ ଯୋଜନା ରହିଥିବା ବେଳେ ନୟାଗଡ଼ ଓ ଅନୁଗୁଳ ଜିଲ୍ଲା ସହିତ ବାଣିଜ୍ୟ କ୍ଷେତ୍ରକୁ ଆହୁରି ସୁଦୃଢ଼ କରିବାକୁ ସେତୁ ନିର୍ମାଣ କାର୍ଯ୍ୟ ଚାଲିଛି । ଜିଲ୍ଲାରେ ଉଚ୍ଚ ଶିକ୍ଷା କ୍ଷେତ୍ରରେ ମଡ଼େଲ ଡ଼ିଗ୍ରୀ କଲେଜ ସ୍ଥାପନ ହୋଇଛି ଏବଂ ବିଇଡ଼ି କଲେଜ ପାଇଁ ପ୍ରସ୍ତାବ ଦିଆଯାଇଛି ।ରେଳପଥ ବିକାଶ କ୍ଷେତ୍ରରେ ଖୋର୍ଦ୍ଧା-ବଲାଙ୍ଗିର ରେଳପଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି । ସେହିପରି ସମ୍ବଲପୁର-ଗୋପାଳପୁର ରେଳପଥ ନିର୍ମାଣ ପାଇଁ ଉଦ୍ୟମ ଆରମ୍ଭ ହୋଇଛି । ଜିଲ୍ଲାର ଗରିବ ପରିବାର ପାଇଁ ବିଜୁଳି ବ୍ୟବସ୍ଥା, ରୋଜଗାର କ୍ଷେତ୍ରରେ କର୍ମନିଯୁକ୍ତି କାର୍ଯ୍ୟକ୍ରମ ମାନ ହାତକୁ ନିଆଯାଇ ବେକାର ଯୁବକଯୁବତୀ ମାନଙ୍କୁ ରୋଜଗାରକ୍ଷମ କରାଯାଉଛି । ବାରମ୍ବାର ଦାବି ପରେ ଦକ୍ଷିଣାଚଂଳ ଆରଡ଼ିସି ଅଧିନରୁ ଏବେ ବୌଦ୍ଧ ଜିଲ୍ଲାକୁ ପଶ୍ଚିମାଚଂଳ ଆରଡ଼ିସିରେ ସାମିଲ୍ କରାଯାଇଛି । କଂଟାମାଳ ବ୍ଲକକୁ ସବଡିଭିଜନ ମାନ୍ୟତା, ବୌଦ୍ଧ ବିଜ୍ଞାପିତ ଅଂଚଳ ପରିଷଦକୁ ପୌର ପରିଷଦ ମାନ୍ୟତା ଏବଂ ବୌଦ୍ଧ ପଚାଂୟତ ମହାବିଦ୍ୟାଳୟକୁ ସରକାରୀ ମାନ୍ୟତା ପାଇଁ ଦାବି ଉପସ୍ଥାପନ କରିଛନ୍ତି ଅଂଚଳବାସୀ ।

## ଚମ୍ପୁଆ ବନାଂଚଳରେ ହାତୀ ନିୟନ୍ତ୍ରଣ ଯୋଜନା ଫେଲ

ଚମ୍ପୁଆ,(ପି.ଏନ): ଚମ୍ପୁଆ ବନାଂଚଳରେ ସୀମା ଟପିଛି ହାତୀ ଉପଦ୍ରବ । ଦିନକୁ ଦିନ ହାତୀଙ୍କ ଉତ୍ପାତ ବୃଦ୍ଧି ପାଉଥିବାବେଳେ ଫେଲ ମାରିଛି ବନ ବିଭାଗର ହାତୀ ନିୟନ୍ତ୍ରଣ ଯୋଜନା । ବ୍ୟାପକ ପଦକ୍ଷେପ ସତ୍ତ୍ୱେ କୌଣସି ସୁଫଳ ଦେଖିବାକୁ ମିଳୁ ନ ଥିବା ବେଳେ ହାତୀ ପାଦତଳେ ଲୋଟୁଛି ନିରିହ ମଣିଷ ର ଜୀବନ । ଗତ କିଛି ଦିନ ପୂର୍ବରୁ ଚମ୍ପୁଆ ରେଞ୍ଜର ଚମ୍ପୁଆ ସେକ୍ସନ ଅନ୍ତର୍ଗତ ମିରିଗିସିଙ୍ଗା ଗ୍ରାମରେ ହାତୀ ଆକ୍ରମଣରେ ଜଣେ ଗଜସାଥିର ମୃତ୍ୟୁ ଘଟିଥିବାବେଳେ କେଇ ସପ୍ତାହ ନ ପୁରୁଣୁ ଆଜି ବାଲିବନ୍ଧ ସେକ୍ସନରେ ଆଉ ଜଣେ ନିରିହ ମଣିଷର ଜୀବନ ଯାଇଛି ।

# କେନ୍ଦୁଝରଠାରେ ଯୁଗ୍ମ ଅଭିଯୋଗ ଶୁଣାଣୀରେ ୧୯୮ଟି ଅଭିଯୋଗ

କେନ୍ଦୁଝର, ୨ ଜାନୁୟାରୀ (ହି .ସ)- ୦୨.୦୧.୨୦୨୩ ରିଖ ସୋମବାର ଦିନ ଜିଲ୍ଲାପାଳ ଆଶିଷ ଠାକରେ ଏବଂ ଏସ୍ ?.ପି. ମିତ୍ରଭାନୁ ମହାପାତ୍ରଙ୍କ ଅଧକ୍ଷତାରେ କେନ୍ଦୁଝର ଜିଲ୍ଲା ସଦର ମହକୁମାସ୍ଥ ଦରବାର ହଲ୍ ?ଠାରେ ଜନସାଧାରଣଙ୍କ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମରେ ମୋଟ୍ ୧୯୮ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ୨୬ ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା । ସମୁଦାୟ ଅଭିଯୋଗ ମଧ୍ୟରୁ ୧୩ ଟି ଅଭିଯୋଗ ଗୋଷ୍ଠୀ ସମସ୍ୟା/ଗ୍ରାମ୍ୟ ସମସ୍ୟାମୂଳକ ହୋଇଥିବାବେଳେ ୧୮୫ ଟି ଅଭିଯୋଗ ବ୍ୟକ୍ତିଗତ ସମସ୍ୟା ଉପରେ ପର୍ଯ୍ୟବେସିତ ଥିଲା । ଅନ୍ୟମାନଙ୍କ ମଧ୍ୟରେ ଡି.ଏଫ୍.ଓ. ଧନରାଜ ଏଚ୍.ଡି, ଅତିରିକ୍ତ ଜିଲ୍ଲାପାଳ ସୁଷମା ବିଲୁଙ୍ଗ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଯଦୁମଣି ମହଲା, ଜିଲ୍ଲା ପରିଷଦ କେନ୍ଦୁଝରର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ଡାଃ କିଶୋର କୁମାର ପୃଷ୍ଟି, କେନ୍ଦୁଝର ଉପଜିଲ୍ଲାପାଳ ରାମଚନ୍ଦ୍ର କିସ୍କୁ, ଡେପୁଟି କଲେକ୍ଟର (ଆପତକାଳୀନ) ସୁରଞ୍ଜିକା ବେହେରା ଏବଂ ଡେପୁଟି କଲେକ୍ଟର ସୁଚିସ୍ମିତା ଦାଶ, ବିଡିଓ କେନ୍ଦୁଝର ସଦର ବିକାଶ ଚନ୍ଦ୍ର ସାହୁ, ତହସିଲଦାର କେନ୍ଦୁଝର ଆଶିଷ ମହାପାତ୍ର, କେନ୍ଦୁଝରଗଡ ପୌରପାଳିକାର ନିର୍ବାହୀ ଅଧିକାରୀ ଡାଃ ମଧୁସ୍ମିତା ସାମନ୍ତରାୟଙ୍କ ସମେତ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।

# ନିଶାସକ୍ତ ଅବସ୍ଥାରେ ପୁଅର କୋଦାଳି ଫସାରେ ମା ଗୁରୁତର

ହରିଚନ୍ଦନପୁର, (ପି.ଏନ): ନିଶାସକ୍ତ ମଦୁଆ ପୁଅର କୋଦାଳି ଫସାରେ ମା ଗୁରୁତର ହୋଇଥିବା ଜଣାପଡିଛି । ଏଭଳି ଏକ ଅଭାବନୀୟ ଘଟଣା କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଜମୁଯୋଡ଼ି ଗ୍ରାମର ଜୁଆଙ୍ଗ ସାହିରେ ଦେଖିବାକୁ ମିଳିଛି । ସୂଚନା ମୁତାବକ ଗ୍ରାମର ବିନୋଦ ଜୁଆଙ୍ଗଙ୍କ ସ୍ତ୍ରୀ ସୁନାରୀ ଜୁଆଙ୍ଗ(୩୫) ଦିନ ଦ୍ୱିପ୍ରହରରେ ଶୋଇଥିବା ବେଳେ ନିଶା ଖୋର ମଦୁଆ ପୁଅ ବିଦା ଜୁଆଙ୍ଗ(୧୮) ଘରକୁ ଫେରିଥିଲେ । ଏହି ସମୟରେ ମା ସୁନାରୀ ଜୁଆଙ୍ଗଙ୍କୁ ପଇସା ମାଗିଥିଲା ପୁଅ ବିଦା, ପଇସା ନଦେବାରୁ ଉଭୟଙ୍କ ମଧ୍ୟରେ ବଚସା ସୃଷ୍ଟି ହୋଇଥିଲା । ପରେ ପୁଅ ବିଦା ଉତ୍ୟକ୍ତ ହୋଇ ଘରେ ଥିବା ଦୋଦାଳି ଓ ଇଟା ପଥରରେ ନିଜ ମା ମୁଣ୍ଡକୁ ଆକ୍ରମଣ କରିଥିଲେ । ଫଳରେ ଘଟଣାସ୍ଥଳରେ ମାଙ୍କ ମୁଣ୍ଡରୁ ପ୍ରବଳ ରକ୍ତସ୍ରାବ ହୋଇଥିବା ସହ ଗୁରୁତର ହୋଇଥିଲେ । ତାଙ୍କୁ ଗୁରୁତର ଅବସ୍ଥାରେ ଦେଖି ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ଯୋଗେ ହରିଚନ୍ଦନପୁର ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରାଇଥିଲେ । ଘଟଣା ସମ୍ପର୍କରେ ସ୍ଥାନୀୟ ଥାନାଧିକାରିଣୀ ଦେବକୀ ନାଏକଙ୍କୁ ପଚାରିବାରୁ ଏ ପର୍ଯ୍ୟନ୍ତ କୌଣସିଅଭିଯୋଗ ଆସିନଥିବା ବେଳେ ଘଟଣା ସମ୍ପର୍କରେ ଖବର ପାଇ ଡାକ୍ତରଖାନା ଯାଇ ଆକ୍ରମଣରେ ଶିକାର ହୋଇଥିବା ମା ସୁନାରୀ ଜୁଆଙ୍ଗ ସୁସ୍ଥ ଥିବା କହିଥିଲେ ।

# ବିଦ୍ୟୁତ ଖୁଂଟରେ ଝୁଲୁଛି ଯୁବକଙ୍କ ମୃତଦେହ

ଖୋର୍ଦ୍ଧା,(ପି.ଏନ): ବିଦ୍ୟୁତ ଖୁଂଟରେ ଝୁଲୁଛି ଯୁବକଙ୍କ ମୃତଦେହ । ଏଭଳି ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଥାନା ଅନ୍ତର୍ଗତ ଛଣଗିରି ଗ୍ରାମରେ । ସେହି ଗ୍ରାମର ଯାତ୍ରା ପଡିଆରେ ଥିବା ବିଦ୍ୟୁତ ଖୁଂଟର ୧୧ କେଭି ତାର ସଂସ୍ପର୍ଶରେ ଆସି ତାଙ୍କର ମୃତ୍ୟୁ ଘଟିଛି । ମୃତକଙ୍କ ନାମ ସେକ୍ କୁନା । ତାଙ୍କ ଘର ଛଣଗିରି ଗ୍ରାମରେ । ବିଭିନ୍ନ ଚୋରି, ଡ଼କାୟତି ଆଦି ଅପରାଧିକ ମାମଲାରେ ସେକ କୁନା ନାମରେ ଥାନାରେ ଅଭିଯୋଗ ରହିଛି । ଗତକାଲି ରାତିରେ ବିଦ୍ୟୁତ ତାର ଚୋରି ଉଦ୍ଦେଶ୍ୟରେ ୧୧ କେଭି ଖୁଂଟରେ ଚଢ଼ିଥିବା ବେଳେ ବିଦ୍ୟୁତ ସଂସ୍ପର୍ଶରେ ଆସି ଜୀବନ ଯାଇଥିବା ଜଣାପଡିଛି । ଖବର ପାଇ ଘଟଣାସ୍ଥଳରେ ବିଦ୍ୟୁତ ବିଭାଗ କର୍ମଚାରୀ ଏବଂ ପୋଲିସ ଟିମ୍ ପହଂଚି ତଦନ୍ତ କରୁଛନ୍ତି । ତେବେ ତାର ଚୋରି ଉଦ୍ଦେଶ୍ୟରେ କିମ୍ବା ଅନ୍ୟ କୌଣସି ପାଇଁ ସେ ବିଦ୍ୟୁତ ଖୁଂଟରେ ଚଢିଥିଲା ତାର ତଦନ୍ତ ପୋଲିସ ଚଳାଇଥିବା ବେଳେ ଯଦି ଚୋରି ଉଦ୍ଦେଶ୍ୟରେ ହୋଇଥାଏ ତେବେ ତା ସହ ଅନ୍ୟ କିଏ କିଏ ଥିଲେ ତାହା ତଦନ୍ତ ସାପେକ୍ଷ ।

## ଖଡ଼ିଆଳ ଠାରେ ବିଶ୍ୱ ହକିକପ ଟ୍ରଫିକୁ ସ୍ୱାଗତ ସମ୍ବର୍ଦ୍ଧନା, ନିମନ୍ତିତ ଅତିଥିଙ୍କ ଦ୍ୱାରା ଭବ୍ୟ ସ୍ୱାଗତ ଶୋଭାଯାତ୍ରା

ନୂଆପଡ଼ା,(ପି.ଏନ): ନୂଆପଡା ଜିଲ୍ଲାର ଖଡ଼ିଆଳ ଠାରେ ଆଜି ବିଶ୍ୱ ହକିକପ ଟ୍ରଫିକୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିବା ବେଳେ ଅତିଥି ରୂପେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଯୋଗଦେଇ ବିଶ୍ୱ ହକି କପ ଟ୍ରଫିକୁ ମାଲ୍ୟାର୍ପଣ କରଥିଲେ । ସେହିପରି ଖଡ଼ିଆଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନାରାୟଣ ସାହୁ, ତହସିଦାର ସିନ୍ଧୁସୁତା ପାତ୍ର, ନଗରପାଳ ଉଜଳ ଗୁପ୍ତା, ଜିଲ୍ଲା ପରିଷଦ ସଭ୍ୟ ଚିତରଞ୍ଜନ ବେହେରା, ମାଲ୍ୟବନ୍ତ ସୁନା, ତନୟା ଶବର ପ୍ରମୁଖ ଯୋଗ ଦେଇ ଟ୍ରଫିକୁ ସ୍ୱାଗତ କରିଛନ୍ତି । ଟ୍ରଫି ସ୍ୱାଗତ କାର୍ଯ୍ୟକ୍ରମରେ ଖଡ଼ିଆଳ ରାଜା ଏ ଟି ହାଇସ୍କୁଲର ପ୍ରଧାନ ଶିକ୍ଷକ ନକୁଳ ଶବର ଏବଂ ସମସ୍ତ ଶିକ୍ଷକ ଯୋଗ ଦେଇଥିଲେ ।ସେହିପରି ଜିଲ୍ଲା କ୍ରୀଡା ଅଧିକାରୀ ଅକ୍ଷୟ କୁମାର ପଟ୍ଟନାୟକ, ନେହେରୁ ଯୁବ କେନ୍ଦ୍ର ଅଧିକାରୀ ଆଶୀଷ ଠାକୁର ବିଶ୍ୱ ହକି କପ ଟ୍ରଫି ଶୋଭାଯାତ୍ରା ସହ ଜିଲ୍ଲାରୁ ନୂଆପଡା - ବଲାଙ୍ଗୀର ଜିଲ୍ଲା ସୀମାନ୍ତ ପର୍ଯ୍ୟନ୍ତ ପହଂଚିଥିଲେ ।

# ଜୟପୁର ରାଜ ପରିବାରର ଶେଷ ରାଣୀ ରମାକୁମାରୀ ଦେବୀଙ୍କ ଶେଷକୃତ୍ୟ ସମ୍ପନ୍ନ

ଜୟପୁର, (ପି.ଏନ): ଜୟପୁର ରାଜ ପରିବାରର ଶେଷ ରାଣୀ ରମା କୁମାରି ଦେବୀଙ୍କ (୯୨) ବର୍ଷ ବୟସରେ ପରଲୋକ ହୋଇଛି । ଗତକାଲି ବିଳମ୍ବିତ ରାତିରେ ଜୟପୁର ସ୍ଥିତ ମୋତି ପେଲେସରେ ରାଜମାତା ରମା କୁମାରୀ ଦେବୀଙ୍କ ପରଲୋକ ହୋଇଛି । ରାଜମାତାଙ୍କ ଶେଷ ଦର୍ଶନ ଓ ତାଙ୍କ ମରଶରୀରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ନିମନ୍ତେ ଜୟପୁର ରାଜା ପ୍ରାସାଦରେ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ସମାଗମ ହୋଇଛି । ମୃତ୍ୟୁ ସମୟରେ ରାଣୀଙ୍କ ନିକଟରେ ସାନ ବୋହୂ ସାରିକା ଦେବି ଓ ନାତି ଚନ୍ଦ୍ରଚୁଡ ଦେବ ଉପସ୍ଥିତ ଥିଲେ । ଜୟପୁର ରାଜପ୍ରସାଦର ଶେଷ ରାଜା ରାମକୃଷ୍ଣ ଦେଓଙ୍କ ପତ୍ନୀ ହେଉଛନ୍ତି ରମା କୁମାରି ଦେବୀ । ମହାରାଜା ବିକ୍ରମ ଦେବ ବର୍ମାଙ୍କ କୌଣସି ପୁତ୍ର ସନ୍ତାନ ନଥିବାରୁ ସେ ରାଜା ରାମ କୃଷ୍ଣ ଦେଓଙ୍କୁ ପୌଷ୍ୟ ସନ୍ତାନ ରୂପେ ଗ୍ରହଣ କରିଥିଲେ । ରାମକୃଷ୍ଣ ଦେଓ ମାତ୍ର ଦୁଇ ଦିନ ପାଇଁ ଜୟପୁରରେ ରାଜା ଥିଲେ । ସେପଟେ ରାଣୀ ରମାକୁମାରି ଦେବୀ ଆନ୍ଧ୍ର ପ୍ରଦେଶ ରାଜ୍ୟ ମଡଗୁଲରେ ବିଧାୟିକା ଥିଲେ । ତାଙ୍କ ମୃତ୍ୟୁ ଖବର ଶୁଣି ବଡ ବୋହୂ ମାୟାଙ୍କ ଦେବୀ ପହଂଚି ଥିଲେ । ଆଜି ଅପରାହ୍ନ ପ୍ରାୟ ୫ଟା ସମୟରେ ରାଜକିୟ ପରମ୍ପରା ଅନୁସାରେ ରାଣୀ ରମାକୁମାରୀ ଦେବୀଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି । ମୋତି ପେଲେସରୁ ରାଣୀ ମାଙ୍କ ମରଶରିରକୁ ଏକ ବିରାଟ ଶୋଭାଯାତ୍ରାରେ ସହରର ଚନ୍ଦନବାଡ ସ୍ଥିତ ରାଜ ଶ୍ମଶାନକୁ ନିଆଯାଇଥିଲା । ସେଠାରେ ରାଜାଙ୍କ ପୋଷ୍ୟ ନାତି ବିନାୟକ ସୁଆର ମୁଖାଗ୍ନି ଦେଇଥିଲେ ।ରାଣୀଙ୍କ ମୃତ୍ୟୁରେ ଜୟପୁରରେ ଶୋକର ଛାୟା ଖେଳିଯାଇଛି । ବିଧାୟକ ତାରାପ୍ରସାଦ ବାହିନିପତି ଦୁଃଖ ପ୍ରକାଶ କରି ଅମର ଆତ୍ମାର ସଦଗତି କାମନା କରିଥିଲେ । ରାଜମହଲରେ ଉପଜିଲାପାଳ ବେଦବର ପ୍ରଧାନ, କଂଗ୍ରେସ ଜିଲା ସଭାନେତ୍ରୀ ମିନାକ୍ଷୀ ବାହିନିପତି, ତହସିଲଦାର ପ୍ରଧାନ ଟୁଲ୍ଲି ଆମ୍ବା, ପୌର କାର୍ଯ୍ୟନିର୍ବାହି ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ, ଏସଡିପିଓ ଅରୂପ ଅଭିଷେକ ବେହେରା, ଟାଉନ ଥାନା ଅଧିକାରି ସମ୍ବିତ ବେହେରା, ପୌର ଉପାଧକ୍ଷ ବି. ସୁନିତାଙ୍କ ସମେତ ଜୟପୁର ବାସୀ ଉପସ୍ଥିତ ଥିଲେ ।

# ଅଧିକାର ମାଇକ୍ରୋଫାଇନାନ୍ସ: ମହିଳା ଉଦ୍ୟୋଗୀଙ୍କ ସ୍ୱପ୍ନକୁ ସାକାର କରୁଛି

ସମ୍ବଲପୁର(ପିଏନ) : ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବାରେ ମାଇକ୍ରୋଫାଇନାନ୍ସ ଏକ ଗୁରୁତ୍ୱପୂର୍ଣ୍ଣ ସହାୟକ ଭୂମିକା ନିର୍ବାହ କରୁଛି । ଓଡ଼ିଶାର ବଲାଙ୍ଗୀର ଜିଲା ଅନ୍ତର୍ଗତ ଖଇରଟିକ୍ରା ଗ୍ରାମର ଜଣେ ଅଧିବାସୀ ପୁଷ୍ପାଞ୍ଜଳି ମେହେରଙ୍କ ଅଭିବୃଦ୍ଧି କାହାଣୀ ତାଙ୍କ ସମେତ ଅନ୍ୟ ବହୁ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ମହିଳାଙ୍କ ଜୀବନରେ ମାଇକ୍ରୋ-କ୍ରେଡିଟର ଗୁରୁତ୍ୱକୁ ପ୍ରଦର୍ଶିତ କରୁଛି, ଯେଉଁମାନଙ୍କ ପାଇଁ ମୁଖ୍ୟସ୍ରୋତ ବ୍ୟାଙ୍କିଙ୍ଗ୍ ସେବା ପାଇବାକୁ ସୀମିତ ସୁଯୋଗ ରହିଥିଲା । ତାଙ୍କ ସାହସ ଏବଂ ଏକାଗ୍ରତାର କାହାଣୀ ତାଙ୍କୁ ତାଙ୍କ ପରିବାରକୁ ଦାରିଦ୍ର୍ୟ ମଧ୍ୟରୁ ଆର୍ଥିକ ସ୍ଥିରତା ଆଡକୁ ଅଗ୍ରସର କରାଇବାର ଦୀର୍ଘପଥ ଅଗ୍ରସର କରାଇଛି । ପୁଷ୍ପାଞ୍ଜଳିଙ୍କର ଚାରିଜଣିଆ ପରିବାରରେ ତାଙ୍କ ସ୍ୱାମୀ ଏବଂ ଦୁଇଜଣ ବଡ ପିଲା ଅଛନ୍ତି, ଯେଉଁମାନେ ପରିବାରର ଦୈନନ୍ଦିନ ଆବଶ୍ୟକତା ପୂରଣ ପାଇଁ ସଂଗ୍ରାମ କରୁଥିଲେ । ପୁଷ୍ପାଞ୍ଜଳିଙ୍କ ସ୍ୱାମୀ ଏକ କ୍ଷୁଦ୍ର ତନ୍ତ ଦୋକାନରେ ଜଣେ ସହାୟକ ଭାବେ କାମ କରନ୍ତି । ତାଙ୍କ କାର୍ଯ୍ୟରୁ ମିଳୁଥିବା ଅତି ସ୍ୱଳ୍ପ ଆୟ ପରିବାରର ଆବଶ୍ୟକତା ପୂରଣ କରିବାକୁ ପର୍ଯ୍ୟାପ୍ତ ନଥିଲା । ସେମାନଙ୍କ ଅବସ୍ଥା ଏତେ ଖରାପ ଥିଲା ଯେ ସେମାନେ ପରିବାର ପାଇଁ ଦିନକରେ ଗୋଟିଏ ଥର ପେଟପୁରା ଖାଇବା ଯୋଗାଡ କରିବାକୁ ଅସମର୍ଥ ଥିଲେ । ପ୍ରତିଟି ଦିନ ଅତିବାହିତ ହେବାସହିତ



ସେମାନଙ୍କ ଅବସ୍ଥା ଅଧିକରୁ ଅଧିକ ଖରାପ ହେବାକୁ ଲାଗିଲା, ଏବଂ ସେମାନଙ୍କୁ ଅଣଆନୁଷ୍ଠାନିକ ଋଣଦାତାଙ୍କ ଉପରେ ନିର୍ଭର କରିବାକୁ ପଡିଲା, ଯାହା ମାତ୍ରାଧିକ ସୁଧହାର ଯୋଗୁଁ ସେମାନଙ୍କ ପାଇଁ ଅଧିକ ବୋଝ ହୋଇପଡିଲା । ଏଭଳି ପରିସ୍ଥିତିରେ ଭାଙ୍ଗିପଡିଥିବା ପୁଷ୍ପାଞ୍ଜଳି ନିଜେ ଆର୍ଥିକ ସ୍ୱାବଲମ୍ବୀ ହୋଇ ପରିବାରର ସ୍ଥିତିରେ ଉନ୍ନତି ଆଣିବାକୁ ସ୍ଥିରକଲେ । ସେ ଅଧିକାର ମାଇକ୍ରୋଫାଇନାନ୍ସର ମାଇକ୍ରୋଫାଇନାନ୍ସ ସୁବିଧା ସମ୍ପର୍କରେ ଅବଗତ ହେଲେ, ଅଧିକାରର ଟିମ୍ ନିକଟରୁ ସେମାନଙ୍କ ସେବା ସମ୍ପର୍କରେ ବିସ୍ତୃତ ଭାବେ ବୁଝିବା ପରେ ସେ ତୁରନ୍ତ ଅଧିକାରର ଜଣେ ସଦସ୍ୟ ହୋଇଗଲେ । ଏକ କ୍ଷୁଦ୍ର ତନ୍ତ ଦୋକାନ ଆରମ୍ଭ କରିବାକୁ ପ୍ରଥମେ ସେ ୧୦,୦୦୦ ଟଙ୍କା ଋଣ ନେଲେ । ନିଜ ସ୍ୱାମୀଙ୍କର ବୁଣାବୁଣି ଅଭିଜ୍ଞତାକୁ ଉପଯୋଗ କରି ସେମାନେ ସୁନ୍ଦର ସୁନ୍ଦର ସମ୍ବଲପୁରୀ ଶାଢୀ ତିଆରି କରିବା ଆରମ୍ଭକଲେ, ଯାହାକୁ ଗ୍ରାହକମାନେ ଅତ୍ୟନ୍ତ ପସନ୍ଦକଲେ ଏବଂ ସେମାନଙ୍କର ଆୟ ବୃଦ୍ଧିପାଇବାକୁ ଲାଗିଲା । ତାଙ୍କର ନିରବଚ୍ଛିନ୍ନ ପ୍ରୟାସ ବଳରେ ତାଙ୍କ ବ୍ୟବସାୟ ଲୋକପ୍ରିୟତା ହାସଲ କଲା ଏବଂ ତାହା ସେମାନଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଆଣିଲା । ସେମାନେ ମାସକୁ ୬୦୦୦ରୁ ୭୦୦୦ ଟଙ୍କା ପର୍ଯ୍ୟନ୍ତ ଆୟ କରିବା ଆରମ୍ଭକଲେ । ତାଙ୍କର ପ୍ରଥମ ଋଣ ଅର୍ଥ ସଫଳତାର ସହିତ ପରିଶୋଧ କରିବାପରେ ସେ ନିଜ ବ୍ୟବସାୟ ସମ୍ପ୍ରସାରଣ କରିବାକୁ ଆଉ ୩୫,୦୦୦ ଟଙ୍କା ଋଣ ନେଲେ । କଠିନ ପରିଶ୍ରମ, ଅଧ୍ୟବସାୟ ଏବଂ ଅଧିକାର ନିକଟରୁ ସାମାନ୍ୟ ସମର୍ଥନ ପାଇ ପୁଷ୍ପାଞ୍ଜଳି ତାଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିବାକୁ ସମର୍ଥ ହେଲେ ।

# ବିଦ୍ୟାଳୟ ପରିସରରେ ବିପଦସଙ୍କୁଳ ଅବସ୍ଥାରେ ବିଦ୍ୟୁତ ଟ୍ରାନ୍ସଫର୍ମର

ଧର୍ମଶାଳା, (ପି.ଏନ): ବିପଦପୂର୍ଣ୍ଣ ଅବସ୍ଥାରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର । ତେଣୁ ବିଦ୍ୟାଳୟ ପରିସରରୁ ଏହାକୁ ସ୍ଥାନାନ୍ତର କରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି । ବିଦ୍ୟୁତ ବିଭାଗର ମନମୁଖୀ କାର୍ଯ୍ୟ ଯୋଗୁ ଏହା ସଫଳ ନ ହେବା ଗ୍ରାମବାସୀ ଅଭିଯୋଗ କରିଛନ୍ତି ।ଏଭଳି ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ କଦମପାଳ ପଂଚାୟତରେ । ଏହି ପଂଚାୟତ ସ୍ଥିତ ମା ବୁଢ଼ୀ ଜାଗୁଲାଇ ଉଚ୍ଚ ବିଦ୍ୟାଳୟରେ ଶତାଧିକ ଛାତ୍ରଛାତ୍ରୀ ପାଠ ପଢନ୍ତି । ଏହି ବିଦ୍ୟାଳୟ ପରିସରରେ ବିପଦପୂର୍ଣ୍ଣ ସହ ଖୋଲାମେଲାରେ ଦୀର୍ଘ ଦିନ ହେବ ପଡି ରହିଛି ବିଦ୍ୟୁତ ଟ୍ରାନ୍ସଫର୍ମର । ତାହା ସାଙ୍ଗକୁ ଉପରେ ଯାଇଛି ୧୧ କେଭି ବିଦ୍ୟୁତ ତାର । ସରକାର ପାଠ ପଢିବା ସାଙ୍ଗକୁ ଖେଳ ଉପରେ ଗୁରୁତ୍ୱ ଦେଉଛନ୍ତି । ହେଲେ ଏଠାରେ ଛାତ୍ରଛାତ୍ରୀମାନେ ଖେଳିବାରୁ ବଂଚିତ ହେଉଛନ୍ତି । ଖେଳ ଛୁଟି ହେଉ ଅବା ବାର୍ଷିକ କ୍ରୀଡା ହେଉ ଛାତ୍ରଛାତ୍ରୀମାନେ ନିଜ ବିଦ୍ୟାଳୟ ଛାଡି ଅନ୍ୟ ସ୍ଥାନରେ ଖେଳୁଛନ୍ତି । ବିଦ୍ୟାଳୟ ପରିସରକୁ ଯିବାକୁ କେହି ସୁରକ୍ଷିତ ମଣୁ ନାହାନ୍ତି । ଶିକ୍ଷକମାନେ ସେଠାକୁ ନ ଯିବାକୁ ବାରଣ କରୁଛନ୍ତି । ଏନେଇ ବିଦ୍ୟାଳୟ କର୍ତ୍ତୃପକ୍ଷ, ପରିଚାଳନା କମିଟି ଓ ସ୍ଥାନୀୟ ଲୋକ ପ୍ରତିନିଧି ବିଦ୍ୟୁତ ବିଭାଗର ଅଧିକାରୀଙ୍କ ନିକଟରେ ବାରମ୍ବାର ଲିଖିତ ଅଭିଯୋଗ କରିଥିଲେ ମଧ ଅଦ୍ୟାବଧି ଏପର୍ଯ୍ୟନ୍ତ ସ୍ଥାନାନ୍ତରିତ ହୋଇପାରିନାହିଁ । ଯାହାକୁ ନେଇ ସେମାନେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଦାୟୀ କରିଛନ୍ତି । ଏବଂ ଅପରାହ୍ନ ୪ଟା ପରେ ବିଦ୍ୟାଳୟ ବନ୍ଦ ହେବା ସହ ଏହାର ମୁଖ୍ୟ ଫାଟକରେ ତାଲା ପଡିଥାଏ । ରାତିରେ କୌଣସି ଦୁର୍ଘଟଣା ଘଟିଲେ ବିଦ୍ୟୁତ ଟ୍ରାନ୍ସଫର୍ମର ସୁଇଚ ବନ୍ଦ କରିବା ସମ୍ଭବ ହୋଇ ନ ଥାଏ । ଟାଟା କମ୍ପାନୀ ବିଲ ଆଦାୟ ପାଇଁ ଜୁଲମ କରୁଥିବା ବେଳେ ଏହାର ରକ୍ଷଣାବେକ୍ଷଣକୁ ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ । ତୁରନ୍ତ ଏଠାରୁ ସ୍ଥାନାନ୍ତର କରା ନ ଗଲେ ସେମାନେ ବିଦ୍ୟୁତ କାର୍ଯ୍ୟାଳୟ ଆଗରେ ଧରଣା ଦେବାକୁ ଚେତାବନୀ ଦେଇଛନ୍ତି ।ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ଅଭିଯୋଗ ଆସିଛି, ମାର୍ଚ୍ଚ ମାସ ଭିତରେ ଏହାକୁ ଉଠାଇ ଦିଆଯିବ ବୋଲି ବିଦ୍ୟୁତ ବିଭାଗର କର୍ମଚାରୀ ପ୍ରକାଶ କରିଛନ୍ତି ।

# ରାଜ୍ୟରେ ନାରୀ ଅସୁରକ୍ଷିତ ଓ ଆଇନ୍ ଶୃଙ୍ଖଳା ବିପର୍ଯ୍ୟସ୍ତ : କଂଗ୍ରେସ

ଭୁବନେଶ୍ୱର (ପିଏନ)- ତିର୍ତୋଲ ଅଂଚଳର ଜୈନିକା ନାବାଳିକାକୁ କଟକର ଚାଉଳିଆଗଞ୍ଜ ଥାନା ଅଧିନସ୍ଥ ଗତିରାଉତପାଟଣାର ଏକ ପରିତ୍ୟକ୍ତ ଘରେ ୨୨ ଦିନ କାଳ ବନ୍ଦି କରି ରଖି ଗଣଦୁଷ୍କର୍ମ କରିବା ଘଟଣାରେ ରାଜ୍ୟରେ ଆଇନ୍ ଶୃଙ୍ଖଳା ସଂପୂର୍ଣ୍ଣ ବିପର୍ଯ୍ୟସ୍ତ ଏବଂ ନାରୀ ଅସୁରକ୍ଷିତ ବୋଲି କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସିଧାସଳଖ ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ର । ଘଟଣା ସଂପର୍କରେ ପୋଲିସ ପାଖରେ ଅପରାଧିଙ୍କ ସଂପର୍କରେ ନିର୍ଦ୍ଦିଷ୍ଟ ତଥ୍ୟ ଭିତିକ ଅଭିଯୋଗ ହେବାର ୪୮ ଘଂଟା ବିତି ଯାଇଥିଲେ ମଧ ଅପରାଧିଙ୍କୁ ପୋଲିସ ଧରିବାରେ ବିଫଳ । ସମଗ୍ର ଦେଶରେ ଦଣ୍ଡହାର ଠାରୁ ରାଜ୍ୟର ଦଣ୍ଡ ହାର ସର୍ବନିମ୍ନ । ଯେଉଁଥି ପାଇଁ ଅପରାଧିମାନେ ଅପରାଧ ଘଟାଇବା ପାଇଁ ପଛଘୁଂଚା ଦେଉନାହାନ୍ତି ଏବଂ ଅପରାଧିମାନଙ୍କୁ ଦଣ୍ଡ ଦେବା ପାଇଁ ସରକାରଙ୍କର ମାନସିକତା ମଧ ନାହିଁ । କାରଣ ଦୀର୍ଘ ୨୦ ବର୍ଷର ଶାସନ କାଳରେ ଅଧିକାଂଶ ଅପରାଧିକ ଘଟଣାରେ ସରକାରୀ ଦଳର କର୍ମୀ ସଂପୃକ୍ତ ହୋଇଥିବାରୁ ତଦନ୍ତକାରୀ ସଂସ୍ଥା ଅପରାଧିଙ୍କ ପ୍ରତି କୋହଳ ମନୋଭାବ ରଖି ଅଭିଯୋଗ ଫର୍ଦ୍ଦ ଦାଖଲ କରୁଥିବାରୁ ଅପରାଧିମାନେ ଅପରାଧ ଘଟାଇ



ଖସିବାରେ ସଫଳ ହେଉଛନ୍ତି ବୋଲି ଶ୍ରୀ ମିଶ୍ର ଅଭିଯୋଗ କରିବା ସହିତ ରାଜ୍ୟରେ ପିପିଲିର ବେବିନା, ଟିକିରି ଶିକ୍ଷୟତ୍ରୀ ଇତିଶ୍ରୀ ପ୍ରଧାନ ଓ ଆୟୁଷ ଡାକ୍ତରାଣୀ ମାଧବୀଲତା ଘଟଣାକୁ ରାଜ୍ୟ ସରକାର ଯେଭଳି ଭାବେ ତଦନ୍ତ କରାଇଲେ ତାହା ସମସ୍ତ ରାଜ୍ୟବାସୀ ଅବଗତ । ବିଶେଷକରି କୁନ୍ଦୁଲି ଘଟଣାରେ ସରକାରଙ୍କର ତଦନ୍ତ ଏବଂ ମାତ୍ରାଧିକ ଚାପ ସହି ନପାରି କୁନ୍ଦୁଲି ପୀଡିତା ଆତ୍ମହତ୍ୟା କରିଥିଲେ । ତେଣୁ ତିର୍ତୋଲ ପୀଡିତାଙ୍କ କ୍ଷେତ୍ରରେ କୁନ୍ଦୁଲି ଘଟଣାର ଯେଭଳି ପୁନରାବୃତି ନହେଉ, ସେଥିପାଇଁ ରାଜ୍ୟ ସରକାର ଉଚ୍ଚସ୍ତରୀୟ କ୍ରାଇମ୍‌ବ୍ରାଂଚ ତଦନ୍ତ କରାଇବା ସହିତ ପରିବାରକୁ ସୁରକ୍ଷା, ପୀଡିତା ରୋଜଗାରକ୍ଷମ ହେବା ପର୍ଯ୍ୟନ୍ତ ତା’ର ସମସ୍ତ ଭରଣପୋଷଣ ଖର୍ଚ୍ଚ ଓ ମାଗଣା ଶିକ୍ଷା ସହିତ ପୀଡିତାର ପରିବାରକୁ ସରକାରଙ୍କର ଜନମଙ୍ଗଳକାରୀ ଯୋଜନାରେ ସାମିଲ କରି ସାମାଜିକ ସୁରକ୍ଷା ପ୍ରଦାନ, ୨୦ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବାକୁ ସାମ୍ବାଦିକ ସମ୍ମିଳନୀରେ ଦାବି କରାଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ଶ୍ରୀମତୀ ରଶ୍ମି ମହାପାତ୍ର, ଜିନେ୍ ଦାସ, ନାରାୟଣ ଜେନା, ଦୀପକ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।




# ବିଶ୍ୱାସ ଯେଉଁଠି ପ୍ରେମ ସେଇଠି

***ତୁମେ ଯଦି ତୁମ ହୃଦୟ ମନ୍ଦିରରେ ମୋର ଦୈବତ୍ୱ ପ୍ରତି ଅଚଞ୍ଚଳ ବିଶ୍ୱାସକୁ ସ୍ଥିର ରଖିପାର ତେବେ ମୋର ସ୍ୱସ୍ୱରୂପ ଦର୍ଶନ ପାଇପାରିବ। କିନ୍ତୁ ତୁମେ ଯଦି ଘଣ୍ଟାର ଦୋଳକ ପରି ଥରେ ଭକ୍ତି ଓ ଥରେ ଅବିଶ୍ୱାସ ମଧ୍ୟରେ ଝୁଲୁଥାଅ, ତେବେ କେବେ ମୋର ସତ୍ୟକୁ କଳନା କରି ସେଥିରୁ ଲବ୍ଧ ଆନନ୍ଦ ପାଇପାରିବ ନାହିଁ। -ବାବା***



ଏ ମୋର ପିତା, ଏ ମୋର ଜନ୍ମଦାତ୍ରୀ ମାତା ଏହାକୁ ବିଶ୍ୱାସ କରିବା ପାଇଁ ଆମେ କୌଣସି ଚାକ୍ଷୁସ ପ୍ରମାଣ ଖୋଜିନେ। ତାଙ୍କର ଅନାବିଳ ପ୍ରେମର ସ୍ପର୍ଶ ଓ ଛାୟାର ବେଷ୍ଟନୀରେ ଯେବେ ଆମେ ବଢ଼ିଚାଲୁ ଆମର ବିଶ୍ୱାସ ଆମର ଶ୍ୱାସ ଭଳି ଅଟଳ ହୋଇଉଠେ। ସେ ବିଶ୍ୱାସ ପ୍ରଶ୍ନର ବହୁତ ଉର୍ଦ୍ଧ୍ୱରେ। ପରମପିତା ଏ ସୃଷ୍ଟିର ସର୍ଜନା କରିବା ସଂକଳ୍ପ ତାଙ୍କ ପ୍ରେମରୁ ଫୁଟି ଉଠିଥିଲା। ଭଗବାନ ବାବା କୁହନ୍ତି - ମୁଁ ପ୍ରେମର ଆନନ୍ଦ ପାଇବା ପାଇଁ ନିଜକୁ ନିଜଠାରୁ ଅଲଗା କଲି ଓ ମଣିଷକୁ ସୃଷ୍ଟି କଲି। ଏ ଦୁନିଆରେ ଆମେ ପ୍ରେମକୁ ଯେଉଁ ରୂପରେ ଦେଖୁ ସେ ସବୁ କେବଳ ସେ ପରମ ପ୍ରେମର ଏକ ଆଂଶିକ ପ୍ରତିଫଳନ ମାତ୍ର। ତାକୁ ଆମେ କେତେବେଳେ ମା'ର ମମତାରେ ଦେଖୁ ତ କେବେ ସ୍ତ୍ରୀ ପୁରୁଷର ଆକର୍ଷଣରେ। କେବେ ତାହା ମୋହର ରୂପ ନିଏ ତ କେବେ ଧନ ଲୋଭର। ସେ ଯାହା ହେଉନା କାହିଁକି, ଯେଉଁଠି ବି ପ୍ରେମର ସମ୍ପର୍କ ଗଢ଼ିଉଠେ ସେଠି ବିଶ୍ୱାସ ପ୍ରେମକୁ ପୁଷ୍ଟ କରିଥାଏ। ଯେତେବେଳେ ବିଶ୍ୱାସର ଅଭାବ ଦେଖାଦିଏ ସେତେବେଳେ ସମ୍ପର୍କ ପ୍ରତି ବିପଦ ଆସିଥାଏ। ଯଦି ଭୌତିକ ଜଗତର ଏ ସତ୍ୟକୁ ଆମେ ମାନିନେଉ, ତାହେଲେ ଅନୁଶୀଳନ କରିବାର କଥା, ଯେଉଁ ପରମପିତା ପ୍ରେମର ଶକ୍ତିରେ ଏ ଜଗତକୁ ସୃଷ୍ଟି କରିଛନ୍ତି, ସବୁଥିରେ ନିଜକୁ ଅବସ୍ଥାପିତ କରିଛନ୍ତି ତଥା ଚଳତ୍‌କ୍ଷମ କରିଛନ୍ତି ତାଙ୍କ ପ୍ରତି ଆମ ବିଶ୍ୱାସ କେତେ ଗଭୀର ଓ ଅଟଳ ହେବା ଆବଶ୍ୟକ! ବିଶ୍ୱାସର ଚେର ସେତିକି ଗଭୀର ଓ ଦୃଢ଼ ନହେଲେ ସେ ଦିବ୍ୟ ପ୍ରେମକୁ ଆସ୍ୱାଦନ କରିବା ଓ ଅମୃତୋପମ ସେ ପ୍ରେମର ବାରିଧିରେ ଅବଗାହନ କରିବା ସହଜ ନୁହେଁ। ସେ ଆମର ସୃଷ୍ଟିର କାରଣ, କାଳ ଗର୍ଭରେ ଲୁକ୍‌କାୟିତ ଆମର ଭୂତ ଭବିଷ୍ୟ ସବୁ ବିଷୟରେ ଅବଗତ। ଅଥଚ ଆମର ବିଶ୍ୱାସ ତାଙ୍କ ପ୍ରତି ସବୁବେଳେ ଦୋଳାୟିତ। ଭଗବାନ ମଧ୍ୟ ଭକ୍ତର ବିଶ୍ୱାସକୁ ସ୍ଥିର ଅଟଳ କରିବା ପାଇଁ ପ୍ରେମବଶତଃ ତାର ପରୀକ୍ଷା ନେଇଥାନ୍ତି। ଯେମିତି ଆମେ କାନ୍ଥରେ କଣ୍ଟାଟିଏ ପିଟିବା ପରେ ତାକୁ ଦୋହଲାଇ ପରୀକ୍ଷା କରିଥାଉ। ଈଶ୍ୱରଙ୍କର ଏସବୁ ପରୀକ୍ଷା ଉଦ୍ଦିଷ୍ଟ କେବଳ ଭକ୍ତର ହୃଦୟରେ ବଢୁଥିବା ବିଶ୍ୱାସର ବୃକ୍ଷକୁ ସୁଦୃଢ଼ କରିବା ପାଇଁ ଯାହା ଜୀବନର ସବୁ ଝଡ଼ ଝଞ୍ଜାକୁ ପ୍ରତିହତ କରିବାର ଶକ୍ତି ରଖିପାରିବ। ଆଧ୍ୟାତ୍ମିକ ମାର୍ଗରେ ଯେତେବେଳେ ସାଧକ ଅନୁଭବ କରିପାରେ ଯେ ଭଗବାନ ତାକୁ ସବୁବେଳେ ଜଗି ରହିଛନ୍ତି, ଆଖିକୁ ଆଖିପତା ଜଗି ରହିଥିବା ଭଳି ସେତେବେଳେ ତା'ର ବିଶ୍ୱାସ ଓ ବିଶ୍ୱାସ ଜନିତ ପ୍ରେମ ସଫଳତା ଲାଭ କରେ। ତା'ଭିତରୁ ଦ୍ୱନ୍ଦ, ଭୟ, ଅନିଶ୍ଚିତତା ଅପସରିଯାଏ ଓ ପ୍ରଭୁ ପ୍ରେମରେ ଅବଗାହନ କରି ସେ ପ୍ରଶାନ୍ତି ଲାଭ କରେ। ପ୍ରେମ ଆଉ ବିଶ୍ୱାସ ପରସ୍ପରର ପରିପୂରକ। ଯେ କୌଣସି ସମ୍ପର୍କର ସୃଷ୍ଟି ବିଶ୍ୱାସରୁ ହିଁ ହୋଇଥାଏ। ଆଉ ଯେଉଁଠି ବିଶ୍ୱାସ ଥାଏ ସେଠି ପ୍ରେମ ବସା ବାନ୍ଧେ। ବିଶ୍ୱାସ ଆଉ ପ୍ରେମର ସମନ୍ୱୟ ସୃଷ୍ଟି କରେ ଏକ ଭକ୍ତର ପରିଚୟ। ଏ ବିଶ୍ୱାସ ଏକ ସରଳ ହୃଦୟ ପାଇଁ ସୁବୋଧ ହୋଇଥାଏ। ଜିଜ୍ଞାସୁର ଏକ ସରଳ ହୃଦୟରେ ବିଶ୍ୱାସ ବାସ କରେ। ଯୁବକ ନରେନ୍‌ର ମଧ୍ୟ ଏକ ସରଳ ଓ ଜିଜ୍ଞାସୁ ହୃଦୟ ଥିଲା। ଯେତେବେଳେ ସେ ରାମକୃଷ୍ଣଙ୍କୁ ପ୍ରଶ୍ନ କଲା 'ତୁମେ କଣ ମା'ଙ୍କୁ ଦେଖିଛ' - ତତ୍‌କ୍ଷଣାତ ରାମକୃଷ୍ଣ କହିଥିଲେ, 'ହଁ ଦେଖିଛି ଯେମିତି ଏବେ ତୋତେ ଦେଖୁଛି।' ରାମକୃଷ୍ଣଙ୍କର ଏଇ ପଦକ କଥା ନରେନକୁ ବିବେକାନନ୍ଦରେ ରୂପାନ୍ତରିତ କରିଥିଲା। ହଜାର ହଜାର ଜିଜ୍ଞାସୁ ଭଗବାନ ବାବାଙ୍କ ପାଖକୁ ସାତ ଦରିଆ ପାରି ହୋଇ ବିଦେଶରୁ ଆସୁଥିଲେ। ସେମାନଙ୍କର ସେଇ ଗୋଟିଏ ଜିଜ୍ଞାସା ଥିଲା। ଅନେକ କଷ୍ଟ ସ୍ୱୀକାର କରି ସେମାନେ ଆସୁଥିଲେ, ଦିନ ଦିନ ଧରି ପୁଟପର୍ତ୍ତୀ ଗ୍ରାମରେ ରହୁଥିଲେ ଓ ତୃପ୍ତ ହୋଇ ଯାଉଥିଲେ ପରମାତ୍ମାଙ୍କ ସାକାର ରୂପ ଦର୍ଶନ କରି ଏକ ଆଶ୍ୱାସନା ନେଇ ଯେ ଦୁନିଆର ଯେଉଁଠି ଥିଲେ ବି ସ୍ୱାମୀ ତାଙ୍କ ସାଥିରେ ରହିଥିବେ।

ଆମେ ସମସ୍ତେ ତାଙ୍କ କାଣିଚାଏ ପ୍ରେମ ପାଇଁ ତୃଷାର୍ତ୍ତ। କିଏ ନ ଚାହେଁ ତାଙ୍କୁ ପ୍ରେମ ନ ଦେବାକୁ ଓ ତାଙ୍କ ପ୍ରେମ ନ ପାଇବାକୁ। ହେଲେ ସେଥିପାଇଁ କେବଳ ଆବଶ୍ୟକ ପୂର୍ଣ୍ଣ ଆସ୍ଥା ଓ ବିଶ୍ୱାସ ତାଙ୍କ ଉପରେ, ତାଙ୍କ ବାର୍ତ୍ତା ଉପରେ। ସେ ଆମକୁ ଦେଇଯାଇଥିବା ଅମର ବାର୍ତ୍ତାକୁ ଆମେ ଯେତେବେଳେ ଆମ ଜୀବନ ଓ ଜୀବନୀର ଅନ୍ତସ୍ରୋତ କରିପାରିବା ସେତେବେଳେ ବିଭୁପ୍ରେମ ଆମ ଆଡ଼କୁ ଅବାରିତ ଭାବେ ଝରି ଆସିବ। ସେହି ଲକ୍ଷ୍ୟରେ ଆମ ପାଇଁ ସ୍ୱାମୀ ତାଙ୍କ ହାତଗଢ଼ା ଏ ସଂଗଠନ ଦେଇଛନ୍ତି। ଏଥିରେ ନିଜକୁ ନିମଗ୍ନ କରି ତାଙ୍କ ବାର୍ତ୍ତାକୁ ଆମେ ଆମ ଜୀବନରେ ପ୍ରତିଫଳିତ କରିପାରିବା ଓ ଦେବ ଦୁର୍ଲଭ ଭଗବତ୍ ପ୍ରେମକୁ ଉପଭୋଗ କରିପାରିବା। ପ୍ରେମ ଯଦି ସୌନ୍ଦର୍ଯ୍ୟ ଓ ସୁଗନ୍ଧଭରା ଏକ ପୁଷ୍ପମାଲ୍ୟ ହୁଏ ତେବେ ବିଶ୍ୱାସ ତାକୁ ଧରି ରଖିଥାଏ ସୁତାଖିଅ ପରି। ବିଶ୍ୱାସ ଏପରି ଏକ ଅଦୃଶ୍ୟ ନୀରବ ସାଧନା ଯାହା ପ୍ରେମକୁ ଦୀପ୍ତିମନ୍ତ କରିଥାଏ। ଏଭଳି ପ୍ରେମ ଭକ୍ତିର ଔଜଲ୍ୟ ଦେଖିବାକୁ ମିଳିଥିଲା ଋଷିପୁତ୍ର ମାର୍କଣ୍ଡେୟଙ୍କ ଠାରେ। ମହାମୁନିଙ୍କ ପୁତ୍ର ମାର୍କଣ୍ଡେୟ ଧର୍ମନିଷ୍ଠ ହେଲେ ବି ଅଳ୍ପାୟୁଷ ଥିବାରୁ ତାଙ୍କ ପିତାମାତା ବିଷର୍ଣ୍ଣ ଥିଲେ। ପିତାମାତାଙ୍କୁ ଉଦାସୀନ ଦେଖି ମାର୍କଣ୍ଡେୟ କାରଣ ଜିଜ୍ଞାସା କରିବାରୁ ସେମାନେ କହିଲେ ହେ ପ୍ରିୟପୁତ୍ର ତୁମକୁ ୧୧ ବର୍ଷ ହେବାକୁ ବସିଲାଣି। ଆଉ ଗୋଟିଏ ବର୍ଷ ହିଁ ତୁମର ଆୟୁଷ। ତୁମକୁ ହରାଇବାର ଦୁଃଖରେ ଆମେ ମ୍ରିୟମାଣ ହୋଇପଡୁଛୁ। ପିତାମାତାଙ୍କର ଶୋକ ନିବାରଣ ପାଇଁ ମାର୍କଣ୍ଡେୟ ଶିବଲିଙ୍ଗଙ୍କୁ ଆଲିଙ୍ଗନ କରି ମହା ମୃତ୍ୟୁଞ୍ଜୟ ମନ୍ତ୍ର ଭକ୍ତି ଓ ବିଶ୍ୱାସର ସହିତ ଜପ କରିବାକୁ ଲାଗିଲେ। ତାଙ୍କର ମୃତ୍ୟୁ ସମୟ ଉପଗତ ହୁଅନ୍ତେ ଯମଦୂତ ମାତେ ତାଙ୍କୁ ନେବାପାଇଁ ଆସିଲେ କିନ୍ତୁ ବିଫଳ ହେଲେ। ଯେତେବେଳେ ସ୍ୱୟଂ ଯମରାଜ ଆସି ବଳପୂର୍ବକ ତାଙ୍କୁ ନେବାକୁ ବାହାରିଲେ ପରମେଶ୍ୱର ନିଜେ ଆବିର୍ଭୂତ ହେଲେ ଓ ତାଙ୍କର ପ୍ରିୟ ମାର୍କଣ୍ଡେୟଙ୍କୁ ରକ୍ଷା କରିବା ପାଇଁ ଯମରାଜଙ୍କୁ ଯୁଦ୍ଧର ଆହ୍ୱାନ ଦେଲେ। ଯମରାଜ ବିନୟ ଭରେ କହିଲେ ପ୍ରଭୋ! ମୁଁ ତ ଆପଣଙ୍କ ନିୟମକୁ ପାଳନ ମାତ୍ର କରିଛି। ଆପଣ ହିଁ ତ ଏ ବାଳକକୁ ୧୨ ବର୍ଷର ଆୟୁ ପ୍ରଦାନ କରିଥିଲେ। ଶିବ କହିଲେ ସେ ମୋର ଭକ୍ତ। ମୋ ଭକ୍ତକୁ ରକ୍ଷା କରିବା ପାଇଁ ମୋ ଦ୍ୱାରା ସୃଷ୍ଟ ନିୟମ ଭାଙ୍ଗିବାକୁ ବି ପ୍ରସ୍ତୁତ ଏବଂ ପ୍ରେମ ପରବଶ ହୋଇ ସେ ମାର୍କଣ୍ଡେୟଙ୍କୁ ୧୨ ବର୍ଷ ସ୍ଥାନରେ ୧୨ କଳ୍ପର ଆୟୁଷ ପ୍ରଦାନ କରିଥିଲେ।

**ନାରାୟଣ ପ୍ରସାଦ ସର, ସଭାପତି,** ଶ୍ରୀସତ୍ୟସାଇ ସେବା ସଙ୍ଗଠନ, ଓଡ଼ିଶା, ଭୁବନେଶ୍ୱର, ଦୂରଭାଷ: ୯୪୩୮୧୮୨୪୮୯

# ରାଷ୍ଟ୍ରୀୟ ସେବା ଯୋଜନା ଶିବିର ଉଦ୍‌ଯାପିତ



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଉତରପ୍ରତାପ ପଂଚାୟତ ନରସିଂହପୁରସ୍ଥିତ ଶ୍ରୀ ଦଧିବାମନଜୀଉ ସଂସ୍କୃତ ମହାବିଦ୍ୟାଳୟ ରାଷ୍ଟ୍ରୀୟ ସେବା ଯୋଜନାର ଶୀତକାଳୀନ ଶିବିର ଉଦ୍‌ଯାପିତ ହୋଇଯାଇଛି । କଲେଜ୍ ପରିଚାଳନା କମିଟି ସଭାପତି ଡ. ଚିତରନ ମହାନ୍ତିଙ୍କ ସଭାପିତିତ୍ୱରେ ଅନୁଷ୍ଠିତ ସଭାକୁ କଲେଜ୍ ଅଧ୍ୟକ୍ଷ ଡ. କୃଷ୍ଣଚନ୍ଦ୍ର ପାତ୍ର ଉଦ୍‌ଘାଟନ କରିଥିଲେ । ବରିଷ୍ଠ ଅଧ୍ୟାପକ ପ୍ରଶାନ୍ତ କୁମାର ସାହୁ ମୁଖ୍ୟଅତିଥି, ସମାଜସେବୀ ଜଳଧର ସାହୁ, ଜିଲ୍ଲା ପରିଷଦ ସଭ୍ୟ ଭାଗ୍ୟଧର ସେଠୀ, ସମିତିସଭ୍ୟା କ୍ଷୀରାବ୍ଧି ତନୟା ମଲିକ, ସାମାଜିକ କର୍ମୀ ଦେବବ୍ରତ ରାଉତ, ବରୁଆଁ ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ଦିଲୀପ କୁମାର ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇ ସେବା ମାଧ୍ୟମରେ ଉତମ ନାଗରିକ ଓ ସୁସ୍ଥ ସମାଜ ଗଠନ ପାଇଁ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସରପଂଚ ଭୀମସେନ ତରାଇ, ସୁଧାଂଶୁ ମୋହନ ସାହୁ, ଦାମୋଦର ପଣ୍ଡା, ନାଏବ୍ ସରପଂଚ ବିଦ୍ୟୁତ୍‌ଲତା ଦାସ, ଅଧ୍ୟାପକ ଗିରିଧାରୀ ପଣ୍ଡା, ଗୌରୀଶଙ୍କର ମିଶ୍ର, ସୁରେଶ ଲେଙ୍କା, ଅଧ୍ୟାପିକା ମନ୍ଦାକିନୀ ରାଉତ, ଅଣଶିକ୍ଷକ କର୍ମଚାରୀ ପ୍ରଶା' କୁମାର ପଣ୍ଡା, ହେମ' କୁମାର ଦାସ, ଅଜୟ ତରାଇ ଓ ଉଦୟ ତରାଇ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ଅଧିକାରୀ ସୁବାସ ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧ୍ୟାପିକା ପ୍ରମିଳା ଦାସ ଧନ୍ୟବାଦ ଦେଇଥିଲେ ।

# ଓଡ଼ିଶାର ଅବହେଳିତ ଚାଷୀ

ଭୁବନେଶ୍ୱର (ପିଏନ୍): କୃଷି ପ୍ରଧାନ ରାଜ୍ୟ ଭାବେ ଓଡ଼ିଶା ବେଶ୍ ପରିଚିତ। ଏହି ରାଜ୍ୟ ସମୁଦାୟ ଜନସଂଖ୍ୟାର ୮୩ପ୍ରତିଶତ ଲୋକ ଗାଁଗଣ୍ଡାରେ ରହୁଥିବାରୁ ସେମାନଙ୍କ ଭିତରୁ ଖୁବ୍ କିଛି ଲୋକଙ୍କୁ ଛାଡ଼ିଦେଲେ ଅନ୍ୟ ସମସ୍ତେ ପ୍ରତ୍ୟେକ୍ଷ ବା ପରୋକ୍ଷ ଭାବରେ କୃଷି ହେଉ ବା କୃଷିକୁ ନେଇ ଆନୁସଙ୍ଗିକ ବୃତ୍ତି ଦ୍ୱାରା ପରିବାର ପ୍ରତିପୋଷଣ କରିଥାନ୍ତି। ଆଉ କେହି କେହି କୃଷିଭିତ୍ତିକ ବେପାର ବଣିଜ ଶିଳ୍ପ ଉପରେ ନିର୍ଭର କରି ରୋଜଗାରକ୍ଷମ ହୋଇଥାନ୍ତି। ଆମ ରାଜ୍ୟର ସମୁଦାୟ ତିନିଚତୁର୍ଥାଂଶ ଲୋକ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ଏହି କୃଷିକୁ ନେଇ ହିଁ ସେମାନଙ୍କ ମୁଖ୍ୟ ଜୀବନ ଜୀବିକା। କିନ୍ତୁ ଦିନକୁ ଦିନ ଓଡ଼ିଶାର ଚଷା ପୁଅଙ୍କ ଭାତହାଣ୍ଡି ଉଜୁଡ଼ିବାକୁ ଯାଉଛି। ଶିଳ୍ପାୟନ ନାମରେ ସବୁଜ ଚାଷ ଜମି ଉପରେ ପ୍ରକାଣ୍ଡକାୟ ବଡ଼ ବଡ଼ ଅଟ୍ଟାଳିକା ଗଢ଼ି ଉଠୁଛି। ସେହିପରି ପ୍ରାକୃତିକ ବିପର୍ଯ୍ୟୟ ଭାବରେ ବନ୍ୟା ହେଉ ବା ବାତ୍ୟା ବା ଫାଇଲିନ୍ ପରି ଧୂମକେତୁ କୁହାଯାଉଥିବା ମହାବାତ୍ୟା ଓଡ଼ିଶାର ଚଷାପୁଅର ଅଣ୍ଟା ହାଡ଼ ଭାଙ୍ଗି ଦେଉଛି। ଦିନକୁ ଦିନ ସରକାରୀ ସ୍ତରରେ କୃଷି ପାଇଁ ବିଭିନ୍ନ ସହଯୋଗ ଓ ସହାୟତା ବୃଦ୍ଧି ପାଉଛି ସତ କିନ୍ତୁ ବାସ୍ତବରେ ତାହା ତଳମୁଣ୍ଡରେ ଥିବା ଚଷାପୁଅଟି ପାଇବାକୁ ଅଧିକାଂଶ କ୍ଷେତ୍ରରେ ସକ୍ଷମ ହେଉନାହିଁ। କୁହାଯାଏ ଯେ ଓଡ଼ିଶା ଦରିଦ୍ର ହେବାର ମୂଳ କାରଣ ହେଲା ଚାଷ ଓ ଚାଷୀମାନଙ୍କ ବିକାଶ ପ୍ରତି ଯଥେଷ୍ଟ ଗୁରୁତ୍ୱ ଦିଆଯାଉନାହିଁ। ବୃହତ୍ ଶିଳ୍ପ ତିଆରି କରି ସରକାର ରାଜ୍ୟକୁ ପ୍ରଗତି ପଥରେ ଆଗେଇ ନେଇଯିବା ପାଇଁ ଯୋଜନା କରୁଥିଲେ ବି ସେହି ତୁଳନାରେ କୃଷିକୁ ଆଡ଼ ଆଖିରେ ଚାହୁଁନଥିବାର ଅଭିଯୋଗ ବିଭିନ୍ନ ସମୟରେ ହୋଇଥାଏ। ଆମ ଭାରତରେ କର୍ଣ୍ଣାଟକ ଉପରେ ସରକାର ସ୍ୱତନ୍ତ୍ର କୃଷି ବଜେଟ ପ୍ରସ୍ତୁତ କରିଥିଲେ ଯାହାଦ୍ୱାରା ଓଡ଼ିଶା ହେଉଛି ସ୍ୱତନ୍ତ୍ର କୃଷି ବଜେଟ ପ୍ରସ୍ତୁତିରେ ଭାରତରେ ଦ୍ୱିତୀୟ। କିନ୍ତୁ କର୍ଣ୍ଣାଟକ ବ୍ୟତୀତ ମଧ୍ୟପ୍ରଦେଶ ଓ ଛତିଶଗଡ଼ ସରକାର ଏହାର ଯଥେଷ୍ଟ ପୂର୍ବରୁ ସ୍ୱତନ୍ତ୍ର କୃଷି ବଜେଟ ପ୍ରସ୍ତୁତ କରିସାରିଛନ୍ତି। କେବଳ କୃଷି ବଜେଟ ପ୍ରଣୟନ କରିଦେଲେ ହେବ ନାହିଁ। ଏହା ପାଇଁ ବ୍ୟବସ୍ଥା ହୋଇଥିବା ସ୍ୱତନ୍ତ୍ର କୃଷି ଶିଳ୍ପାଞ୍ଚଳ ପ୍ରତିଷ୍ଠା କରି କୃଷିଜାତ ଦ୍ରବ୍ୟର ପ୍ରକ୍ରିୟାକରଣ ଶିଳ୍ପ ସ୍ଥାପନ ପାଇଁ ପ୍ରୋତ୍ସାହନ ଦେବା ଜରୁରୀ। ପ୍ରକୃତ ପକ୍ଷେ ପ୍ରତି ଜିଲ୍ଲାରେ କୃଷି ଶିଳ୍ପାଞ୍ଚଳ ପ୍ରତିଷ୍ଠା କରାଯାଇ କ୍ଷୁଦ୍ର ଓ ଅତିକ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା ପାଇଁ ପଦକ୍ଷେପ ନିଆଯାଉ । ଏପରି କୃଷିଭିତ୍ତିକ ଶିଳ୍ପ ପ୍ରତିଷ୍ଠା ପାଇଁ ପ୍ରୋତ୍ସାହନ ଦିଆଯାଉ ଯାହାଫଳରେ ସେ ଅଞ୍ଚଳରେ ଉତ୍ପାଦିତ ହେଉଥିବା କୃଷିଜାତ ଦ୍ରବ୍ୟର ପ୍ରକ୍ରିୟାକରଣ କରାଯାଇ ମୂଲ୍ୟଯୁକ୍ତ ହୋଇପାରିବ। ଗତ ଫାଇଲିନ୍ ଓ ପରବର୍ତ୍ତୀ ସମୟରେ ବନ୍ୟା ତଥା ମୂଷଳ ଧାରାରେ ବର୍ଷା ହେବା ଦ୍ୱାରା ଆମ ରାଜ୍ୟର ଅଠରଟି ଜିଲ୍ଲାର ଏଗାରଲକ୍ଷ ହେକ୍ଟର ଜମିର ଧାନ ଫସଲ ନଷ୍ଟ ହେବାବେଳେ ସଇଁତିରିଶ ହଜାର ହେକ୍ଟର ଜମିରେ ଚାଷ ହୋଇଥିବା ପନିପରିବା ନଷ୍ଟ ହୋଇଛି। କିନ୍ତୁ ପରବର୍ତ୍ତୀ ସମୟରେ ଚାଷୀକୁ ଯଥେଷ୍ଟ ପରିମାଣରେ ସହାୟତା ମିଳିପାରିଲା ନାହିଁ । ରାଜ୍ୟ ସରକାର ପ୍ରସ୍ତୁତ କରିଥିବା ବିଜୁ କୃଷକ କଲ୍ୟାଣ ଯୋଜନାରେ ଏବେ ଚାଷୀମାନଙ୍କୁ ସ୍ୱାସ୍ଥ୍ୟ ବୀମାଭୁକ୍ତ କରାଯାଉଛି । ସେହିପରି ନିକଟରେ ସମସ୍ତଙ୍କ ପାଇଁ ଚିନ୍ତାର କାରଣ ସାଜିଥିବା ଆଳୁ କଥା ବିଚାର କରାଯାଉ। ଆମ ରାଜ୍ୟରେ ଆଳୁ ଉତ୍ପାଦନ ପାଇଁ ଜଳବାୟୁ ଓ ମୃତ୍ତିକା ଅନୁକୂଳ ଥିଲେ ବି ଆମ ରାଜ୍ୟରେ ମାତ୍ର ଦୁଇଲକ୍ଷ ଟନ ଉତ୍ପାଦନ ହେଉଛି। ଯେଉଁଠି ଆବଶ୍ୟକ ରହିଛି ନଅଲକ୍ଷ ଟନ। ଆଳୁ ଚାଷର ପ୍ରସାର ନ ହେବାର ବଡ଼ କାରଣ ହେଲା ରାଜ୍ୟରେ ଶୀତଳ ଭଣ୍ଡାରର ଅଭାବ। ଯାହାଦ୍ୱାରା ପଡ଼ୋଶୀ ପଶ୍ଚିମବଙ୍ଗ ସରକାର ଓଡ଼ିଶାକୁ ଆଖି ଦେଖାଇ ଦାଦାଗିରି କରିବାକୁ ସାହାସ କରିପାରିଛନ୍ତି। ବର୍ତ୍ତମାନ ସୁଦ୍ଧା ଆଳୁ ଠାରୁ ପନିପରିବା କ୍ଷେତ୍ରରେ ଆମ ରାଜ୍ୟ ନିଜେ ସ୍ୱାବଲମ୍ବୀ ହୋଇପାରିନାହିଁ। ଯାହାଦ୍ୱାରା ପଡ଼ୋଶୀ ଉତ୍ପାଦିତ ରାଜ୍ୟମାନେ ଅଧିକାଂଶ ସମୟରେ ସେମାନଙ୍କ ନାଲି ଆଖି ଆମକୁ ଦେଖାଇ ପାରୁଛନ୍ତି କେବଳ ଫସଲ ଉତ୍ପାଦନ ପାଇଁ ଚାଷୀକୁ ପଇସା ଗୁଞ୍ଜିଦେଲେ ଚଳିବ ନାହିଁ ନିୟମିତ ଭାବରେ ବିଭିନ୍ନ ଜାତୀୟକରଣ ବ୍ୟାଙ୍କ ଚାଷୀକୁ ସହାୟତା ଦେବା ପାଇଁ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ଇଆଡ଼େ ଗୋଦାମ ଘର ନଥିବାରୁ ଫସଲ ବାହାରେ ପଡ଼ି ଖତ ଖାଉଛି ଯାହାକି ବିଭିନ୍ନ ସମୟରେ ଗଣମାଧ୍ୟମର ପ୍ରମୁଖ ଖବର ଭାବେ ପ୍ରକାଶ ପାଉଛି। ଚାଷୀକୁ ନେଇ ଗର୍ବ କରୁଥିବା ଚଷାପୁଅର ଭେଣ୍ଡିଆ ପୁଅମାନେ ଆଉ କିନ୍ତୁ ଚାଷବାସକୁ ବନ କରୁନାହାନ୍ତି ଏହାର ବଡ଼ କାରଣ ହେଉଛି ସେମାନେ ଚାଷକୁ ନେଇ ନିଜ ଜୀବନ ଜୀବିକା ଗଢ଼ିବା ପାଇଁ ସାହସ କୁଳାଇ ପାରୁନାହାନ୍ତି। ପଡ଼ୋଶୀ ଆନ୍ଧ୍ରପ୍ରଦେଶ ଠାରୁ ପଶ୍ଚିମବଙ୍ଗ ଛୋଟ ରାଜ୍ୟ ଛତିଶଗଡ଼ ଠାରୁ ମହାରାଷ୍ଟ୍ର ବା କର୍ଣ୍ଣାଟକ ଏସବୁ ରାଜ୍ୟରେ ଚାଷୀମାନଙ୍କୁ ପର୍ଯ୍ୟାପ୍ତ ପରିମାଣର ସମସ୍ତ ସହାୟତା ସୁଯୋଗ ମିଳୁଥିବାରୁ ଚାଷ ପ୍ରତି ସେ ରାଜ୍ୟରେ ଆଗ୍ରହ ବୃଦ୍ଧି ପାଉଛି। ପଡ଼ୋଶୀ ଛତିଶଗଡ଼ ସରକାର ଧାନ କ୍ୱିଣ୍ଟାଲ ପିଛା ତିନିଶହ ଟଙ୍କା ବୋନସ ଦେଉଥିବାବେଳେ ମଧ୍ୟପ୍ରଦେଶ ସରକାର ଗହମ କ୍ୱିଣ୍ଟାଲ ପିଛା ଦେଢ଼ଶହ ଟଙ୍କା ବୋନସ ଦେଉଛନ୍ତି ଏ ସମୟରେ ଓଡ଼ିଶା ସରକାର କ୍ୱିଣ୍ଟାଲ ପିଛା ଶହେ ଟଙ୍କା ବୋନସ ଦେବେ ବୋଲି କହିଛନ୍ତି। ସେହିପରି କର୍ଣ୍ଣାଟକ ସରକାର ଦୁଗ୍ଧ ଚାଷୀମାନଙ୍କୁ ଲିଟର ପିଛା ଚାରିଟଙ୍କା ବୋନସ ଦେଉଛନ୍ତି କିନ୍ତୁ ଆମ ରାଜ୍ୟରେ ଉତ୍ପାଦନ ବୃଦ୍ଧି ପାଇଁ ଏହି ଚାଷୀଙ୍କୁ ବୋନସ ଦିଆଯାଇ ପାରୁନାହିଁ। ଏହିପରି ଅଭିଯୋଗ ଲେଖିଲେ ଲେଖାର କଳେବର ଯାହା ବୃଦ୍ଧି ପାଇବ ସରକାର ଦୂରଦୃଷ୍ଟିର ସହ ଚାଷୀଙ୍କ ସର୍ବବିଧ ଉନ୍ନତି ପାଇଁ ସହାୟତା ଯୋଗାଇଲେ ଓଡ଼ିଶା ନିଜ କୃଷିକୁ ନେଇ ନିଶ୍ଚିତ ଭାବରେ ଆଗୁଆ ରାଜ୍ୟ ଭାବରେ ପରିଗଣିତ ହେବ।

DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

# ଧର୍ମଶାଳା ସାହିତ୍ୟ ସମାଜର ବର୍ଷପୂର୍ତ୍ତି କବିତା ପାଠୋତ୍ସବ



ଧର୍ମଶାଳା (ପିଏନ୍): ଧର୍ମଶାଳା ସାହିତ୍ୟ ସମାଜର ବର୍ଷପୂର୍ତ୍ତି କବିତା ପାଠୋତ୍ସବ ଗୋକର୍ଣ୍ଣେଶ୍ୱର ମନ୍ଦିର ପରିସରରେ ସାହିତ୍ୟିକ ଡକ୍ଟର ରାଜକିଶୋର ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବକୁ ଅଧ୍ୟାପକ ଦାମୋଦର ବେହେରା ଓ ପ୍ରାଧ୍ୟାପକ ମନୋରଂଜନ ମହାନ୍ତି ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକାରୀ ସଭାପତି ଯୁଧିଷ୍ଠିର ସ୍ୱାଇଁ ଶିବବନ୍ଦନା ଉଚ୍ଚାରଣ କରିଥିଲେ । ଅନ୍ୟତମ କାର୍ଯ୍ୟକାରୀ ସଭାପତି କାହ୍ନୁଚରଣ ଦାଶ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବେଣୁଧର ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ସଂପାଦକ ଡକ୍ଟର ପ୍ରଶାନ୍ତ କୁମାର ସ୍ୱାଇଁ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ନାଟ୍ୟକାର ନବଘନ ଜେନାଙ୍କ 'ଟୋପାଏ ସିନ୍ଦୂର ଦିପଟ ଶଙ୍ଖା' ନାଟକ ପୁସ୍ତକକୁ ଅତିଥିମାନଙ୍କୁ ଲୋକାର୍ପଣ କରାଯାଇଥିଲା। ଶ୍ରୀ ଜେନା ନାଟ୍ୟ ପୁସ୍ତକ ସମ୍ପର୍କରେ ସୂଚନା ଦେଇଥିଲେ । ସାହିତ୍ୟିକ ଅର୍ଜୁନ ପୃଷ୍ଟି ପୁସ୍ତକର ସମୀକ୍ଷା କରିଥିଲେ। ଚଳିତ ବର୍ଷରର ଅନ୍ନପୂର୍ଣ୍ଣା ସ୍ମୃତି ସମ୍ମାନ ଅଧ୍ୟାପିକା ଲିପ୍ସା ପଟେଲଙ୍କୁ ପ୍ରଦାନ କରାଯାଇଥିଲା। ଜୟଶ୍ରୀ ସ୍ୱାଇଁ ମାନପତ୍ର ମାନପତ୍ର ପାଠ କରିଥିଲେ। ସମାଜସେବୀ ଗୋଲକ ଚନ୍ଦ୍ର ପଲେଇ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଆୟୋଜିତ କବିତା ପାଠୋତ୍ସବରେ ସବିତା ମିଶ୍ର, ଅର୍ଜୁନ ପୃଷ୍ଟି ଓ ପ୍ରମିଳା ପ୍ରତାପ କବିତା ସଂଯୋଜନା କରୁଥିଲେ। ଏହି ଉତ୍ସବରେ ପଣ୍ଡିତ ସୂର୍ଯ୍ୟମଣି ଖୁଣ୍ଟିଆ, ଡ. ଚନ୍ଦ୍ରକାନ୍ତ ମହାନ୍ତି, ସଂଗ୍ରାମ କେଶରୀ ଜେନା, ବିଦ୍ୟୁତଲତା ଦାସ,ପ୍ରଫୁଲ୍ଲ କୁମାର ସ୍ୱାଇଁ, ଭୁବନ ମହାନ୍ତି, ଅଖିଳ କୁମାର ସ୍ୱାଇଁ, ପ୍ରହଲ୍ଲାଦ ପଣ୍ଡା, ଯୁଗଳ କିଶୋର ଦାସ ଓ ଜୟଶ୍ରୀ ସ୍ୱାଇଁ ପ୍ରମୁଖ କବିତା ପାଠ କରିଥିଲେ ।

***—ଧର୍ମଶାଳା ମହୋତ୍ସବର ନବମ ସନ୍ଧ୍ୟା—***

# ପ୍ରଭୁପାଦ ଓ ଲୋପାମୁଦ୍ରାଙ୍କ ଗୀତରେ ଦର୍ଶକ ବିଭୋର





ଧର୍ମଶାଳା (ପିଏନ୍): ଜାରକା ମେଳଣ ପଡ଼ିଆରେ ଚାଲିଥିବା ୧୮ତମ ଧର୍ମଶାଳା ମହୋତ୍ସବର ନବମ ସନ୍ଧ୍ୟାରେ କଣ୍ଠଶିଳ୍ପୀ ପ୍ରଭୁପାଦ ମହାନ୍ତି ଓ ଲୋପାମୁଦ୍ରା ଦାସ ନାଇଟ୍ ସଂଗୀତ କାର୍ଯ୍ୟକ୍ରମରେ ଦର୍ଶକ ବିଭୋର ହୋଇ ଯାଇଥିଲେ । ଉଭୟ କଣ୍ଠଶିଳ୍ପୀ ଓ ସାଥୀଙ୍କ ଦ୍ୱାରା ପରିବେଷିତ ବିଭିନ୍ନ ଓଡ଼ିଆ ଓ ହିନ୍ଦି ଗୀତରେ ଉପସ୍ଥିତ ଯୁବକମାନେ ନାଚୁଥିବା ଦେଖିବାକୁ ମିଳିଥିଲା । ମହୋତ୍ସବ ପଡ଼ିଆରେ ସବୁବର୍ଗର ଲୋକଙ୍କୁ ଆକର୍ଷଣ କରିବା ପାଇଁ ଭଳିକି ଭଳି ଦୋକାନ ବଜାର ଖୋଲାଯାଇଛି । ମହୋତ୍ସବ ସରି ଆସୁଥିବାରୁ ପଡ଼ିଆରେ ପ୍ରବଳ ଭିଡ଼ ବଢ଼ିବାରେ ଲାଗିଛି । ଦିନ ୧୧ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ଲୋକମାନେ ମହୋତ୍ସବ ଉପଭୋଗ କରୁଛନ୍ତି । ଫାଷ୍ଟଫୁଡ୍ ଓ ଚଟ୍‌ପଟି ଖାଦ୍ୟ ସମସ୍ତଙ୍କର ପସନ୍ଦଯୋଗ୍ୟ ହେଉଛି । ହରେକ୍ ମାଲ୍ ଓ ମନୋହରି ଦୋକାନରେ ଯୁବତୀ ଓ ମହିଳାଙ୍କ ଭିଡ଼ ଲାଗିରହିଥିବା ବେଳେ ଦୋଳି ନିକଟରେ ପିଲାମାନଙ୍କର ଗହଳି ହେଉଛି । ଆୟୋଜକ ଧର୍ମଶାଳା ମହୋତ୍ସବ ପୂଜା କମିଟିର ସଭାପତି ଜଳଧର ମହାନ୍ତି, ସଂପାଦକ ସତ୍ୟପ୍ରିୟ ମହାନ୍ତି, ଉପସଭାପତି ଇନ୍ଦ୍ରମଣି ନାୟକ, ସହସଂପାଦକ ଆନନ୍ଦ ବିହାରୀ ନାୟକ, କୋଷାଧ୍ୟକ୍ଷ ସୁଦୀପ୍ତ କୁମାର ସ୍ୱାଇଁ, ବରିଷ୍ଠ ସଦସ୍ୟ ରାଜକୁମାର ଶତପଥୀ, କିଶୋର ନାୟକ, ଅନିରୁଦ୍ଧ ରାଉତ, ସବ୍ୟସାଚୀ ବେହେରା, ଜଳଧର ସାହୁ, ରାମଚନ୍ଦ୍ର ମଲ୍ଲିକ, ପୂର୍ଣ୍ଣଚନ୍ଦ୍ର ଶତପଥୀ, ସୁଦାମ ଚରଣ ବେହେରା, ବିଚିତ୍ର ସ୍ୱାଇଁ, ଅଜୟ ନାୟକ, କ୍ଷୀରୋଦ ଚନ୍ଦ୍ର ମୁଦୁଲି, ମଦନ ମୋହନ ନାୟକ, ନିର୍ମଳ ପ୍ରଧାନ, ଆକୁଳି ସ୍ୱାଇଁ, ରବିନାରାୟଣ ସାହୁ, ପ୍ରତାପ କୁମାର ପ୍ରଧାନ, ମନୋଜ ଦାସ, ମାନସ ମହାନ୍ତି, କାଶିନାଥ ସାହୁ, ସବ୍ୟସାଚୀ ସୁନ୍ଦରାୟ, ଧରଣୀ ମହାନ୍ତି, ଗଙ୍ଗାଧର ମହାରଣା, ରବୀନ୍ଦ୍ର ମହାନ୍ତି, ଧନେଶ୍ୱର ସାହୁ, ପ୍ରମୋଦ ଜେନା, ପ୍ରଫୁଲ୍ଲ କୁମାର ସାହାଣି, ଅନ' ପ୍ରଧାନ ପ୍ରମୁଖ ଉତ୍ସବ ପରିଚାଳନା କରୁଛନ୍ତି । ଆସ'ାକାଲି ଦଶମ ସନ୍ଧ୍ୟାରେ ମହୋତ୍ସବ ମଂଚରେ କଣ୍ଠଶିଳ୍ପୀ ସତ୍ୟଜିତ ଜେନା ନାଇଟ୍ ସଂଗୀତ କାର୍ଯ୍ୟକ୍ରମ ପରିବେଷିତ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି ।

# ଧର୍ମଶାଳା ମହୋତ୍ସବର ଅଷ୍ଟମ ସନ୍ଧ୍ୟାରେ ଅସମ୍ଭବ ଭିଡ଼



ଧର୍ମଶାଳା (ପିଏନ୍): ନୂଆବର୍ଷର ପ୍ରଥମ ଦିନ ହୋଇଥିବାରୁ ଧର୍ମଶାଳା ମହୋତ୍ସବ ପଡ଼ିଆରେ ଖଚାଖଚ ଭିଡ଼ । ସ୍ଥାନୀୟ ପୁଲିସ୍ ଓ ଆୟୋଜକ ଧର୍ମଶାଳା ମହୋତ୍ସବ ପୂଜା କମିଟି କର୍ମକର୍ତ୍ତାମାନଙ୍କ ପକ୍ଷରେ ଭିଡ଼ ନିୟନ୍ତ୍ରଣ କରିବା କଷ୍ଟକର ହୋଇ ପଡ଼ିଥିଲା । ସାଂସ୍କୃତିକ କାର୍ଯ୍ୟକ୍ରମର ଅଷ୍ଟମ ସଂଧ୍ୟାରେ କଣ୍ଠଶିଳ୍ପୀ ବିଷ୍ଣୁ ମୋହନ କବି ଓ ସାଥୀମାନଙ୍କ ସଂଗୀତ କାର୍ଯ୍ୟକ୍ରମକୁ ଶ୍ରୋତା ଭରପୁର ଉପଭୋଗ କରିଥିଲେ । ଓଡ଼ିଆ ଓ ହିନ୍ଦି ଚଳଚ୍ଚିତ୍ରର ବିଭିନ୍ନ ଗୀତର ତାଳେ ତାଳେ କେତେକ ଦର୍ଶକ ନାଚୁଥିବା ଦେଖିବାକୁ ମିଳିଥିଲା । ଲୋକମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିବା ସହିତ ବିଭିନ୍ନ ଷ୍ଟଲ୍‌ରୁ ମନପସନ୍ଦର ସାମଗ୍ରୀ କିଣାକିଣି କରୁଥା'ନ୍ତି । ମେଳାରେ କାଇଁଚ, ଝୋଟ, ବେତ, କାଠ, ବାଉଁଶ, ପ୍ରସ୍ତର ଓ ଧାନରୁ ପ୍ରସ୍ତୁତ ଘରକରଣା ସାମଗ୍ରୀ ସାଙ୍ଗକୁ ଚାନ୍ଦୁଆ, ଟେରାକୋଟା ଆଦି ବିଭିନ୍ନ ହସ୍ତଶିଳ୍ପ ସାମଗ୍ରୀ ବେପାର ଜମିଥିବା ଦେଖିବାକୁ ମିଳିଛି । କମିଟି ସଭାପତି ଜଳଧର ମହାନ୍ତି, ଉପସଭାପତି ଇନ୍ଦ୍ରମଣି ନାୟକ, ସଂପାଦକ ସତ୍ୟପ୍ରିୟ ମହାନ୍ତି, ସହସଂପାଦକ ଆନନ୍ଦ ବିହାରୀ ନାୟକ, କୋଷାଧ୍ୟକ୍ଷ ସୁଦୀପ୍ତ କୁମାର ସ୍ୱାଇଁ, ବରିଷ୍ଠ ସଦସ୍ୟ ରାମଚନ୍ଦ୍ର ମଲ୍ଲିକ, କିଶୋର ନାୟକ, ଅନିରୁଦ୍ଧ ରାଉତ, ଅଜୟ ନାୟକ, ବିଚିତ୍ର କୁମାର ସ୍ୱାଇଁ, କ୍ଷୀରୋଦ ଚନ୍ଦ୍ର ମୁଦୁଲି, ସବ୍ୟସାଚୀ ବେହେରା, ଆକୁଳି ସ୍ୱାଇଁ, ରବିନାରାୟଣ ସାହୁ, ଅନନ୍ତ ଚରଣ ପ୍ରଧାନ, ପ୍ରମୋଦ ରାଉତଙ୍କ ସମେତ ସମସ୍ତ ସଦସ୍ୟମାନେ ଉତ୍ସବ ପରିଚାଳନା କରୁଛନ୍ତି ।




# କେନ୍ଦୁଝର : ହକି ବିଶ୍ୱକପ୍ ଟ୍ରଫିକୁ ଭବ୍ୟ ସ୍ୱାଗତ ପାଇଁ ପ୍ରସ୍ତୁତି

କେନ୍ଦୁଝର, (ପି.ଏନ): ଚଳିତ ଜାନୁଆରୀ ୧୩ରୁ ୨୯ ତାରିଖ ପର୍ଯ୍ୟନ୍ତ ଓଡିଶାରେ ଆୟୋଜିତ ହେବାକୁ ଥିବା ଏଫ୍.ଆଇ.ଏଚ୍. ପୁରୁଷ ହକି ବିଶ୍ୱକପ୍ ପରିପ୍ରେକ୍ଷୀରେ ଟ୍ରଫି ରାଜ୍ୟର ବିଭିନ୍ନ ଜିଲ୍ଲା ପରିକ୍ରମା କରୁଛି । ଆଗାମୀ ତା ୦୬.୦୧.୨୦୨୩ ଓ ୦୭.୦୧.୨୦୨୩ ରିଖ ଦୁଇଦିନ ଧରି ଟ୍ରଫିର କେନ୍ଦୁଝର ଜିଲ୍ଲା ପରିକ୍ରମା କରିବାର କାର୍ଯ୍ୟକ୍ରମ ଦୃଷ୍ଟିରୁ ଟ୍ରଫିକୁ ଭବ୍ୟ ସ୍ୱାଗତ ଜଣାଇବା ନିମନ୍ତେ ଜିଲ୍ଲା ପ୍ରଶାସନ ତରଫରୁ ପ୍ରସ୍ତୁତି ଆରମ୍ଭ ହୋଇଛି । ଏ ସଂପର୍କରେ ଜିଲ୍ଲାପାଳ ଆଶିଷ ଠାକରେଙ୍କ ଅଧ୍ୟକ୍ଷତାରେ ଦରବାର ହଲ୍‌ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଯଦୁମଣି ମହଲା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ଅତିରିକ୍ତ ନିର୍ବାହୀ ଅଧିକାରୀ ଜୟଶ୍ରୀ ବେଉରା, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା କେନ୍ଦୁଝରର ପ୍ରକଳ୍ପ ପ୍ରଶାସକ ତପନ କୁମାର ନାଏକ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଚମ୍ପୁଆର ଶ୍ରୀମତୀ ଜୟଶ୍ରୀ ମଲ୍ଲିକ୍, ଡି.ଏସ୍.ପି. ଡି.ଆଇ.ବି. ଇନ୍ଦୁମତି ପଶ୍ଚିମକବାଟ, କେନ୍ଦୁଝର ଉପଜିଲ୍ଲାପାଳ ରାମଚନ୍ଦ୍ର କିସ୍କୁ, ଆନନ୍ଦପୁର ଉପଜିଲ୍ଲାପାଳ ଅନୀଲ କୁମାର ସେଠୀ, ଚମ୍ପୁଆ ଉପଜିଲ୍ଲାପାଳ ସୁକାନ୍ତ କୁମାର ମାଝୀ, ଜିଲ୍ଲାସ୍ତରୀୟ ଅଧିକାରୀ, ଜିଲ୍ଲାର ସମସ୍ତ ବିଡିଓ, ତହସିଲଦାର, ପୌରପାଳିକାର ନିର୍ବାହୀ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ପ୍ରାରମ୍ଭରେ ଜିଲ୍ଲାପାଳ ଶ୍ରୀ ଠାକରେ ସମସ୍ତଙ୍କୁ ସ୍ୱାଗତ ଜଣାଇ ପୁରୁଷ ହକି ବିଶ୍ୱକପ୍ ଓ ମାସ୍କଟ୍ ଓଲିକୁ ଜିଲ୍ଲା ପରିକ୍ରମା ବେଳେ ଭବ୍ୟ ସ୍ୱାଗତ କରିବା ପାଇଁ ଯୋଜନାବଦ୍ଧ ପଦକ୍ଷେପ ଉପରେ ଗୁରୁତ୍ୱାରୋପ କରି ଏହାର ସଫଳତା ନିମନ୍ତେ ସମସ୍ତଙ୍କର ସକ୍ରିୟ ସହଯୋଗ କାମନା କରିଥିଲେ । ସୂଚନାଯୋଗ୍ୟ ଯେ କେନ୍ଦୁଝର ଜିଲ୍ଲାର ସୀମାନ୍ତ ତେଲକୋଇ ବ୍ଲକ୍ ଅନ୍ତର୍ଗତ ବିମଳାଠାରେ ଢେଙ୍କାନାଳ ଜିଲ୍ଲା ପ୍ରଶାସନଠାରୁ ହକି ବିଶ୍ୱକପ୍ ଟ୍ରଫିକୁ କେନ୍ଦୁଝର ଜିଲ୍ଲା ପ୍ରଶାସନ ତରଫରୁ ଗ୍ରହଣ କରାଯାଇ ବିମଳା ଗ୍ରାମ ପଂଚାୟତ କାର୍ଯ୍ୟାଳୟଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ରଙ୍ଗୋଲି ଇତ୍ୟାଦି କାର୍ଯ୍ୟକ୍ରମ ଜରିଆରେ ସମାଜର ବିଭିନ୍ନ ବର୍ଗର ଜନସାଧାରଣଙ୍କ ଉପସ୍ଥିତିରେ ଭବ୍ୟ ସ୍ୱାଗତ କରାଯିବ । ତତ୍ପରେ ରାସ୍ତାରେ ସିରିଗିଡା, ଆକୁଳ, ଖୁଂଟାପଡା ଗ୍ରାମ ପଂଚାୟତ କାର୍ଯ୍ୟାଳୟମାନଙ୍କରେ ଅନୁରୂପ ଭାବେ ସ୍ୱାଗତ ସଂବର୍ଦ୍ଧନା ଜ୍ଞାପନ କରାଯିବା ପରେ ତେଲକୋଇ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ୍‌କୁ ଅଣାଯିବ । ସେଠାରେ ମଧ୍ୟ ଛାତ୍ରଛାତ୍ରୀ, ଲୋକପ୍ରତିନିଧି, ସରକାରୀ ପଦାଧିକାରୀ, ଏସ୍.ଏଚ୍.ଜି. ତଥା ଜନସାଧାରଣଙ୍କ ଉପସ୍ଥିତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ସଂବର୍ଦ୍ଧନା ଦିଆଯିବ । ତାପରେ କାଞ୍ଜିପାଣି ଘାଟିଠାରେ ବାଂଶପାଳ ବ୍ଲକ୍ ପ୍ରଶାସନ ତରଫରୁ ହକି ବିଶ୍ୱକପ୍‌କୁ ସ୍ୱାଗତ କରାଯିବ । ଜାନୁଆରୀ ୦୬ ତାରିଖ ସନ୍ଧ୍ୟାରେ ଟ୍ରଫି କେନ୍ଦୁଝର ଜିଲ୍ଲା ସଦର ମହକୁମାସ୍ଥ ସର୍କିଟ୍ ହାଉସ୍‌ଠାରେ ପହଂଚିବ । ଜାନୁଆରୀ ୦୭ ତାରିଖ ଶନିବାର ଦିନ ସକାଳ ୦୭ଘଟିକା ସମୟରେ କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରକୁ ହକି ବିଶ୍ୱକପ୍ ଟ୍ରଫିକୁ ଅଣାଯିବ ଏବଂ ସେଠାରେ ଜିଲ୍ଲାସ୍ତରୀୟ ଅଧିକାରୀ, ଲୋକ ପ୍ରତିନିଧି, ଏଚ୍.ଏଚ୍.ଜି., ଛାତ୍ରଛାତ୍ରୀ ଏବଂ ସମାଜର ବିଭିନ୍ନ ବର୍ଗର ଜନସାଧାରଣଙ୍କ ଉପସ୍ଥିତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଟ୍ରଫିକୁ ଭବ୍ୟ ସ୍ୱାଗତ କରାଯିବ । ସ୍ୱାଗତ ସଂବର୍ଦ୍ଧନା କାର୍ଯ୍ୟକ୍ରମକୁ ଉତ୍ସବ ମୁଖର କରିବା ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଏକ ମିନି ମାରାଥନର ଶୁଭାରମ୍ଭ କରାଯିବ । ମାସ୍କଟ୍ ଓଲି ମଧ୍ୟ ସ୍ୱତନ୍ତ୍ର ଯାନରେ ସହର ପରିକ୍ରମା କରିବ । ଏହି ଅବସରରେ କେନ୍ଦୁଝର ସହରର ବିଭିନ୍ନ ସ୍ଥାନରେ ସେଲଫି ଜୋନ ଓ ଫ୍ୟାନ୍ ପାର୍କ ସ୍ଥାପନ ପାଇଁ ନିଷ୍ପତି ନିଆଯାଇଛି । ଶନିବାର ପାଖାପାଖି ପୂର୍ବାହ୍ନ ୧୦ ଘଟିକା ସମୟରେ ହକି ବିଶ୍ୱକପ୍ ଟ୍ରଫି ଓ ମାସ୍କଟ୍ ଓଲି କେନ୍ଦୁଝର ଜିଲ୍ଲା ସହର ମହକୁମା ଛାଡି ମୟୁରଭଞ୍ଜ ଜିଲ୍ଲା ଅଭିମୁଖେ ଯାତ୍ରା କରିବ ଏବଂ ମୟୁରଭଞ୍ଜ ଜିଲ୍ଲାର ସୀମାନ୍ତ ଚଢେଇଭୋଳଠାରେ କେନ୍ଦୁଝର ଜିଲ୍ଲା ପ୍ରଶାସନ ତରଫରୁ ମୟୁରଭଞ୍ଜ ଜିଲ୍ଲା ପ୍ରଶାସନକୁ ହସ୍ତାନ୍ତର କରାଯିବାର କାର୍ଯ୍ୟକ୍ରମ ସ୍ଥିରିକୃତ ହୋଇଛି । ଏତଦ୍ ?ବ୍ୟତୀତ ହକି ବିଶ୍ୱକପ୍ ଉପଲକ୍ଷେ ପଂଚାୟତ/ବ୍ଲକ୍ ସ୍ତରରୁ ଚୟନ ହୋଇ ଆସିଥିବା ବିଦ୍ୟାଳୟର ଛାତ୍ରଛାତ୍ରୀ ତଥା ତଦୁର୍ଦ୍ଧ ବର୍ଗର ପ୍ରତିଯୋଗୀମାନଙ୍କ ମଧ୍ୟରେ ଚଳିତ ଜାନୁଆରୀ ୬ ତାରିଖରୁ ଜିଲ୍ଲାସ୍ତରୀୟ କ୍ରୀଡା ପ୍ରତିଯୋଗିତା ଆୟୋଜନ କରାଯିବ । ଉଲ୍ଲେଖଯୋଗ୍ୟ ଯେ ଏଫ୍.ଆଇ.ଏଚ୍ ପୁରୁଷ ହକି ବିଶ୍ୱକପ୍ ଆୟୋଜନ ଅବସରରେ କେନ୍ଦୁଝର ଜିଲ୍ଲାରେ ଜାନୁଆରୀ ୨୨ ତାରିଖରୁ ୨୬ ତାରିଖ ପର୍ଯ୍ୟନ୍ତ କାଳୀପଡିଆଠାରେ ମିନି ପଲ୍ଲୀଶ୍ରୀ ମେଳା ଅନୁଷ୍ଠିତ ହେବ । ଏହି ମେଳାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଏଲ୍.ଇ.ଡି ମାଧ୍ୟମରେ ହକି ବିଶ୍ୱକପ୍ ମ୍ୟାଚ୍ ପ୍ରଦର୍ଶନ କରାଯିବ । ସୂଚନାଯୋଗ୍ୟ ଯେ ଚଳିତ ଜାନୁଆରୀ ୧୧ ତାରିଖ ଦିନ ଏଫ୍.ଆଇ.ଏଚ୍. ପୁରୁଷ ହକି ବିଶ୍ୱକପ୍ ୨୦୨୩ର ଉଦ୍‌ଘାଟନୀ ସମାରୋହ କଟକର ବାରବାଟୀ ଷ୍ଟାଡିୟମ୍ ?ଠାରେ ହେବାକୁ ଥିବା ପରିପ୍ରେକ୍ଷୀରେ ଜିଲ୍ଲାସ୍ତରରେ କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏଲ୍.ଇ.ଡି. ସ୍କ୍ରିନ୍ ଜରିଆରେ ଉଦ୍‌ଘାଟନୀ ସମାରୋହର ପ୍ରଦର୍ଶନ କରାଯିବ । ଏତଦ୍‌ବ୍ୟତୀତ ଗ୍ରାମ ପଂଚାୟତ, ବ୍ଲକ୍ ଓ ପୌରପାଳିକା ସ୍ତରରେ ମଧ୍ୟ ଅନୁରୂପ ବ୍ୟବସ୍ଥା ଗ୍ରହଣ କରାଯିବାକୁ ନିଷ୍ପତି ନିଆଯାଇଛି ।

# କେନ୍ଦୁଝର : ମାଧପୁର ଫାର୍ମ ଜଳାଶୟରେ ବିଦେଶୀ ପକ୍ଷୀଙ୍କ ସମାଗମ

କେନ୍ଦୁଝର, (ପି.ଏନ): କେନ୍ଦୁଝରଗଡ ପୌରପାଳିକାର ୧୫ ନଂ ୱାର୍ଡର ମାଧପୁର ଫାର୍ମ ପୋଖରୀରେ ଚଳିତ ବର୍ଷ ପ୍ରଥମ ଥର ପାଇଁ ବିଦେଶୀ ପକ୍ଷୀଙ୍କ ଆଗମନ ହୋଇଛି । ଲେସର ହୁଇଷ୍ଟଲିଙ୍ଗ ଡକ୍ ପ୍ରଥମ ଥର ପାଇଁ କେନ୍ଦୁଝରରେ ବହୁ ସଂଖ୍ୟାରେ ଦେଖିବାକୁ ମିଳିଛି । ଏହି ପକ୍ଷୀ ଗୋଆ ଏବଂ ପଶ୍ଚିମବଙ୍ଗ ର କେତେକ ହ୍ରଦରେ ଶୀତ ଋତୁରେ ପ୍ରାୟତଃ ଦେଖିବାକୁ ମିଳିଥାଆନ୍ତି । ପକ୍ଷୀଙ୍କ କିଚିରି ମିଚିରି ରାବ (ଶବ୍ଦ) ପରିବେଶବିତ୍ ଓ ପକ୍ଷୀପ୍ରେମୀଙ୍କୁ ବେଶ ଆନନ୍ଦ ଦେଉଥିବା ସହ ପୋଖରୀ ନିକଟକୁ ଟାଣି ଆଣୁଛି । ଏହି ବିଦେଶା ପକ୍ଷୀଙ୍କ ସୁରକ୍ଷା ପାଇଁ ବନ ବିଭାଗ କଡା ନଜର ରଖିଥିବା ସୂଚନା ଦେଇଛି । ରାସ୍ତା ପାର୍ଶ୍ୱରେ ଏହି ପୋଖରୀ ଥିଲେ ମଧ୍ୟ ପୋଖରୀ ଚର୍ତୁଃପାଶ୍ୱର୍ରେ ଗଛ ଏବଂ ବୁଦା ଥିବାରୁ ପକ୍ଷୀଙ୍କ ପାଇଁ ସୁରକ୍ଷିତ ସ୍ଥାନ ହୋଇଛି । ଆଜି ସକାଳୁ ଶହ ଶହ ବିଦେଶୀ ପକ୍ଷୀ ଙ୍କୁ ଦେଖିବାକୁ ମିଳିଛି । ପକ୍ଷୀଙ୍କ ଜଳକ୍ରୀଡା ଦେଖିବା ପାଇଁ ପାଖଆଖ ଅଚଂଳର ପରିବେଶ ତଥା ପକ୍ଷୀପ୍ରେମୀଙ୍କ ଭିଡ ଜମିଛି । ଏହି ପକ୍ଷୀଙ୍କର ପେଟ ଧଳା । ପାଣିରେ ଥିବା ଦଳ, ପୋକଜକ ଖାଇଥାନ୍ତି ବୋଲି ପକ୍ଷୀପ୍ରେମୀ ସୋମନାଥ ଦାଶ କହିଛନ୍ତି । ପକ୍ଷୀ ଗୁଡିକ ଦଳ ଦଳ ହୋଇ ଗୋଟିଏ ପଟରୁ ଅନ୍ୟପଟକୁ ଖାଦ୍ୟ ଅନ୍ୱେଷଣରେ ଉଡୁଥିବାର ଦୃଶ୍ୟ ବେଶ ଆକର୍ଷଣୀୟ ହୋଇଛି । ଖବର ପାଇ ଡିଏଫ୍‌ଓ ଧନରାଜ ଏଚ୍‌ଡି ମାଧପୁର ଫାର୍ମ ପୋଖରୀ ପରିଦର୍ଶନ କରି ପକ୍ଷୀଙ୍କ ସୁରକ୍ଷା ପାଇଁ ପଦକ୍ଷେପ ନେବେ ବୋଲି ପ୍ରତିଶୃତି ଦେଇଥିଲେ । ଏତଦ୍ ବ୍ୟତୀତ ପୋଖରୀ ହୁଡାରେ ଅଧିକ ସଂଖ୍ୟାରେ ବୃକ୍ଷ ଲଗାଇବା ସହ ପୋଖରୀକୁ ସ୍ୱଚ୍ଛ ରଖିବା ପାଇଁ ପଦକ୍ଷେପ ନିଆଯିବ ବୋଲି ପ୍ରତିଶୃତି ଦେଇଛନ୍ତି । ଚଳିତ ବର୍ଷ ୧୦ ତାରିଖରେ ହେବାକୁ ଥିବା ପକ୍ଷୀ ଗଣନାରେ ଏହି ପୋଖରୀକୁ ସାମିଲ କରାଯିବ । ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ବିଜୟ କୁମାର ସ୍ୱାଇଁ ପୋଖରୀରେ ରହୁଥିବା ପକ୍ଷୀଙ୍କ ସୁରକ୍ଷା ପ୍ରତି ଦୃଷ୍ଟି ଦିଆଯିବ ବୋଲି କହିଛନ୍ତି । ପକ୍ଷୀମାନଙ୍କ ସୁରକ୍ଷା ପାଇ ଜଳାଶୟ ପାରିପାର୍ଶ୍ୱିକ ସୁରକ୍ଷା ସହ ପ୍ରାକୃତିକ ବିବିଧତା ସୁରକ୍ଷା କରିବା ଜରୁରୀ ବୋଲି ସାମ୍ବାଦିକ ନରେଶ ପଟ୍ଟନାୟକ କହିଛନ୍ତି ।

# ସିରିଡି ସାଇ ମନ୍ଦିରରେ ୧୨ତମ ବାର୍ଷିକ ଉତ୍ସବ ପାଳନ

ମାଲକାନଗିରି, (ପି.ଏନ): ମାଲକାନଗିରି ସଦର ମହକୁମାରେ ୧୨ ବର୍ଷ ପୂର୍ବେ ଆଜିର ଦିନରେ ସିରିଡି ସାଇ ଭକ୍ତ ମାନଙ୍କ ଦ୍ୱାରା ସାଇ ମନ୍ଦିରର ଶୁଭ ପଡିବା ସହ ପାରମ୍ପାରିକ ଭାବେ ସିରିଡି ସାଇ ଙ୍କ ପୂଜା ଆରମ୍ଭ ହୋଇଥିଲା । ସାଇ ମନ୍ଦିର ପ୍ରତିଷ୍ଠା ର ୧୨ତମ ଦିବସ ପାଳନ ଅବସରରେ ସକାଳ ୬ଘଟିକା ସମୟରେ ୧୦୦ ରୁ ଉର୍ଦ୍ଧ ମହିଳା କୁ ନେଇ ଏକ କଳସଶୋଭା ଯାତ୍ରା କରାଯାଇଥିଲା । ଅପରାହ୍ନ ସମୟରେ ସିରିଡି ସାଇଙ୍କୁ ଏକ ଭବ୍ୟ ପାଲ ଙ୍କି ଶୋଭା ଯାତ୍ରା ରେ ଭକ୍ତ ମାନଙ୍କ ଦ୍ୱାରା ନଗର ପରିକ୍ରମା କରାଯାଇଥିଲା । ଆଜିର ଏହି ବାର୍ଷିକ ଉତ୍ସବରେ ଶତାଧିକ ଭକ୍ତଙ୍କ ଗହଣରେ ପ୍ରାତଃ ଆରତୀ ମଧ୍ୟାହ୍ନ ଧୂପ ଏବଂ ସନ୍ଧ୍ୟା ଆରତୀ କରାଯାଇଥିଲା । ଦୀର୍ଘଦିନ ଧରି ସିରିଡି ସାଇଙ୍କ ମନ୍ଦିର ପ୍ରତିଷ୍ଠା ହେବା ପରେ ପ୍ରତିଦିନ ଭକ୍ତଙ୍କ ସଂଖ୍ୟା ବଢିବା ସହ ଜିଲ୍ଲାରେ ଏହା ଏକ ତୀର୍ଥ ସ୍ଥାନରେ ପରିଣତ ହୋଇଛି । ଆଜିର ଏହି କାଯ୍ୟକ୍ରମକୁ ସିରିଡି ସାଇ କମିଟି ଦ୍ୱାରା ପରିଚାଳିତ କରାଯାଇଥିବା ବେଳେ କମିଟିର ସଭାପତି ଶଶାଙ୍କ ମିଶ୍ର, ଗୁରୁଜି କେ ଭି ଆର ପଟ୍ଟନାୟକ, ଈଶ୍ୱର ପ୍ରସାଦ ପଟ୍ଟନାୟକ, ସେବକ ପ୍ରଦ୍ୟୁମ୍ନ ବେହେରା, ସଗାଯୋଗୀ ନାଗେଶ୍ୱର ପଟ୍ଟନାୟକଙ୍କ ସମେତ କମିଟିର ବହୁ ସଦସ୍ୟ ଏବଂ ସଦସ୍ୟା ମାନେ ଆଜିର କାଯ୍ୟକ୍ରମକୁ ପରିଚାଳନା କରିଥିଲେ । ଆଜିର ଏହି ୧୨ତମ ବାର୍ଷିକ ଉତ୍ସବରେ ଭଜନ ପରିବେଷଣ ଓ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା ।

# କେନ୍ଦ୍ରାପଡ଼ାକୁ ଯାତ୍ରୀବାହୀ ରେଳ ଚଳାଚଳ ଦାବିରେ କଂଗ୍ରେସର ରାଜଧାନୀରେ ଗଣବିକ୍ଷୋଭ

ଭୁବନେଶ୍ୱର/କେନ୍ଦ୍ରାପଡ଼ା, (ପି.ଏନ); କେନ୍ଦ୍ରାପଡ଼ା ନଗର ଓ ବ୍ଲକ କଂଗ୍ରେସ ତରଫରୁ ହରିଦାସପୁର-ପାରାଦ୍ୱୀପ ରେଳପଥରେ ଯାତ୍ରୀବାହୀ ରେଳଚଳାଚଳ ଦାବିରେ ପୂର୍ବତଟ ରେଳପଥର ମୁଖ୍ୟ କାର୍ଯ୍ୟାଳୟ ଚନ୍ଦ୍ରଶେଖରପୁର ଠାରେ ଗଣବିକ୍ଷୋଭ ପ୍ରଦର୍ଶନ କରାଯାଇଛି ।ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଆନ୍ଦୋଳନରେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜିଲ୍ଲା କଂଗ୍ରେସ ସଭାପତି ଅଂଶୁମାନ ମହାନ୍ତି ଓ ବରିଷ୍ଠ କଂଗ୍ରେସ ବିଧାୟକ ତଥା କଂଗ୍ରେସ ନେତା ସୁରେଶ କୁମାର ରାଉତରାୟ ଯୋଗଦେଇ କେନ୍ଦ୍ର ରେଳ ମନ୍ତ୍ରଣାଳୟର କେନ୍ଦ୍ରାପଡ଼ା ପ୍ରତି ଏହା ଏକ ଅବିଚାର ବୋଲି ଆରୋପ କରିଥିଲେ । ଗଣେଶ୍ୱର ବେହେରା ତାଙ୍କ ବକ୍ତବ୍ୟରେ ଦର୍ଶାଇଥିଲେ ଯେ କଂଗ୍ରେସ ହରିଦାସପୁର-ପାରାଦ୍ୱୀପ ରେଳପଥର ଯାତ୍ରୀବାହୀ ରେଳ ଚଳାଚଳ ନିମନ୍ତେ ୨୦୨୧ରେ "ମାଟି ପାଇଁ ପାଟି ଖୋଲ" ଓ ଗୋପ ଠାରେ ରେଳ ରୋକ ଆନ୍ଦୋଳନ ସହ ୨୦୨୨ରେ ମାଟି ପାଇଁ ମାଡ଼ିଚାଲ ଆନ୍ଦୋଳନ କରନ୍ତି । ଜିଏମ୍‌ଙ୍କୁ ଭେଟି ଦୁଇ ଦୁଇ ଥର ଦାବିପତ୍ର ଦେଇଛି । ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ମଧ୍ୟ ସେ ନିଜେ ତିନିଥର ଚିଠି ଲେଖି ବିଫଳ ହେବାରୁ ଆଜି ଗଣବିକ୍ଷୋଭ କରିବାକୁ ବାଧ୍ୟ ହୋଇଛନ୍ତି ଆଜିର ଆନ୍ଦୋଳନ ବ୍ୟର୍ଥ ହେଲେ "ମାଟି ପାଇଁ ଜେଲ ଚାଲ" ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛନ୍ତି । ଗଣବିକ୍ଷୋଭ ସହ ପୂର୍ବତନ ରେଳପଥ ଜିଏମ୍‌ଙ୍କୁ ଏକ ପ୍ରତିନିଧି ଦଳ ସୁରେଶ କୁମାର ରାଉତରାୟଙ୍କ ନେତୃତ୍ୱରେ ଭେଟି ସ୍ମାରକପତ୍ର ମଧ୍ୟ ଦିଆଯାଇଛି । ଦାବିପତ୍ରରେ ଦୁଇଟି ଯାତ୍ରୀବାହୀ ରେଳ ଯଥା କଟକ-ପାରଦ୍ୱୀପ ଭାୟା ହରିଦାସପୁର-କେନ୍ଦ୍ରାପଡ଼ା ଓ ଭଦ୍ରକ-ପାରଦ୍ୱୀପ ଭାୟ ହରିଦାସପୁର-କେନ୍ଦ୍ରାପଡ଼ା ଚଲାଇବା ପାଇଁ କୁହାଯାଇଛି । ଜିଏମ୍ ଏଥିନିମନ୍ତେ ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।ଏହି ଗଣବିକ୍ଷୋଭରେ ଚିନ୍ମୟ ପ୍ରସାଦ ବେଉରା, ଜ୍ଞାନଦେବ ବେଉରା, ନଗର ସଭାପତି ରାଜେଶ ମହାନ୍ତି, ବ୍ଲକ ସଭାପତି ଚିତ୍ରସେନ ପରିଡ଼ା, ବରିଷ୍ଠ କଂଗ୍ରେସ ନେତା ପ୍ରଫୁଲ ଦାସ, ଆକବର ଅଲ୍ଲୀ, ମୁକ୍ତାର ଖାଁ, ନାରାୟଣ ଚନ୍ଦ୍ର ପରିଡ଼ା, ପରଭେଜ ଅକ୍ତର, ରତିକାନ୍ତ ସାମଲ, ସେଖ ଅରମାନ, ବୃଷଭାନୁ ଦାସ, ଗଣେଶ ମେକାପ, କ୍ଷମାନିଧି ସାମଲ, ରାକେଶ ମହାନ୍ତି, ମୀର ମୁରସୀଦ, କମଳାକାନ୍ତ ବେହେରା, ସଂଜୟ ରାଉତ, ଲକ୍ଷ୍ମୀଧର ବାରିକ, ପ୍ରଦୀପ ପ୍ରଧାନ, ରାଜକିଶୋର ବେହେରା, ବିଶ୍ୱକେଶରୀ ଜେନା, ପିସିସି ଗଣମାଧ୍ୟମ ସଂଯୋଜକ ଦୀପକ କୁମାର ମହାପାତ୍ର ଓ ଭୁବନେଶ୍ୱର ବ୍ଲକ କଂଗ୍ରେସ ସଭାପତି ଅଶୋକ ଦାସ ପ୍ରମୁଖ ଭାଷଣ ଦେଇ କେନ୍ଦ୍ରାପଡ଼ାର ସ୍ୱାର୍ଥରେ କଂଗ୍ରେସ ନିରନ୍ତର ଆନ୍ଦୋଳନ କରିଚାଲିବ ବୋଲି ସତର୍କ କରାଇ ଦେଇଥିଲେ ।

# ନିଳିକଣା ଓ କଳାମାଟିଆ ଗ୍ରାମକୁ ରାସ୍ତା ଓ ପାନୀୟ ଜଳ ପାଇଁ ଦାବି

କେନ୍ଦ୍ରାପଡ଼ା, (ପି.ଏନ): କେନ୍ଦ୍ରାପଡା ବ୍ଲକ ବାରୁଅ ପଂଚାୟତ ଅନ୍ତର୍ଗତ ନିଳିକଣା ଓ କଳାମାଟିଆ ଗ୍ରାମରେ ରାସ୍ତା ଓ ପାନୀୟ ଜଳ ଯୋଗାଣ ପାଇଁ ଗ୍ରାମାବସୀମାନେ ଅସୁବିଧାର ସମ୍ମୁଖୀନ ହେଉଥିବା ନେଇ ଅଭିଯୋଗ କରିଛନ୍ତି । ଅଭିଯୋଗରୁ ପ୍ରକାଶ ଯେ, ଏହି ଗ୍ରାମରେ ରାସ୍ତା ନଥିବାରୁ ଗମନାଗମନ ପାଇଁ ବୃଦ୍ଧ, ବୃଦ୍ଧା, ସ୍କୁଲ ଛାତ୍ରଛାତ୍ରୀ, ରୋଗୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ନେଇ ବାରମ୍ବାର ବ୍ଲକ ଅଧିକାରୀଙ୍କ ନିକଟରେ ଅଭିଯୋଗ କରାଯଇଛି । ଗ୍ରାମରେ ରାସ୍ତା ନଥିବା ସହିତ ଏହି ଗ୍ରାମକୁ ଏପର୍ଯ୍ୟନ୍ତ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ସଂଯୋଗ କରାଯାଇ ନାହିଁ । ଯାହା ଫଳରେ ଗ୍ରାମବାସୀମାନେ ପାନୀୟ ଜଳ ପାଇଁ ଅସୁବିଧାର ସମ୍ମୁଖୀନ ହେବା ସହ ରୋଗରେ ମଧ୍ୟ ଆକ୍ରାନ୍ତ ହେଉଛନ୍ତି । ତେଣୁ ତୁରନ୍ତ ଗ୍ରାମକୁ ରାସ୍ତା ସଂଯୋଗ କରିବା ସହ ପାନୀୟ ଜଳ ଯୋଗାଇବା ପାଇଁ ଗ୍ରାମବାସୀ ମାନେ ଦାବି କରିଛନ୍ତି ।

# ବିଶ୍ୱ ହସ୍ତ ପ୍ରକ୍ଷାଳନ ଦିବସ ପାଳିତ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ଖଡିଆଳ ସ୍ୱୟଂଶାସିତ କଲେଜ ଠାରେ ଯୁବ ରେଡକ୍ରସ ଓ ୱାଟର କ୍ଲବ ତରଫରୁ ବିଶ୍ୱ ହସ୍ତ ପ୍ରକ୍ଷାଳନ ଦିବସ ଗୁରୁବାର ପାଳିତ ହୋଇଯାଇଛି । ପ୍ରଥମେ ମହାବିଦ୍ୟାଳୟ ସମ୍ମୁଖରେ ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ମାନଙ୍କୁ ନେଇ ଯୁବ ରେଡକ୍ରସ ପରାମର୍ଶଦାତା ଡଃ ତରୁଣ କୁମାର ପ୍ରଧାନ ହସ୍ତ ପ୍ରକ୍ଷାଳନର ବିଭିନ୍ନ ନିୟମ ଦର୍ଶାଇଥିଲେ । ଏଥିରେ ଡିନ୍ ପ୍ରମୋଦ କୁମାର ସାହୁ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ସାବୁନ ଓ ଜଳ ଦ୍ୱାରା ହସ୍ତ ପ୍ରକ୍ଷାଳନ କରି ବିଭିନ୍ନ ରୋଗ ଓ ଭୂତାଣୁ ଠାରୁ ନିଜକୁ ରକ୍ଷା କରିପାରିବା ବୋଲି ପ୍ରକାଶ କରିଥିଲେ । ପରେ କଲେଜ ଅଧ୍ୟକ୍ଷା ଅନୁପମା ପାଢୀଙ୍କ ଅଧ୍ୟକ୍ଷତାରେ ଏକ ଭର୍ଚୁଆଲ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଅଧ୍ୟକ୍ଷା ଓ ରେଡକ୍ରସ ପରାମର୍ଶଦାତା ବିଶ୍ୱ ହସ୍ତ ପ୍ରକ୍ଷାଳନ ଦିବସର ମହତ୍ୱ ଉପରେ ଆଲୋକପାତ କରିଥିଲେ । ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ସଂସ୍କୃତି ବାବୁ ହସ୍ତ ପ୍ରକ୍ଷାଳନର ନିୟମ ଓ ଅନୁଶୀଳନ ଉପରେ ପାୱାର ପାଏ ମାଧ୍ୟମରେ ବକ୍ତବ୍ୟ ରଖିଥିଲେ । ସମସ୍ତେ ରୋଗ, ମହାମାରୀ, ଭୂତାଣୁ, ଜୀବାଣୁ, କରୋନା ପ୍ରଭାବରୁ ରକ୍ଷା ପାଇବା ପାଇଁ ନିୟମିତ ସାବୁନରେ ଭଲ ଭାବରେ ହାତ ଧୋଇବା ଦ୍ୱାରା ହିଁ ଏହି ରୋଗ କମ କରିପାରିବା ବୋଲି ଜଣାଇଥିଲେ । ଏହା ପ୍ରତିବର୍ଷ ଅକ୍ଟୋବର ମାସ ୧୫ ତାରିଖରେ ୨୦୦୮ ମସିହାରୁ ମିଳିତ ଜାତିସଂଘ ତରଫରୁ ସମଗ୍ର ବିଶ୍ୱରେ ପାଳିତ ହୋଇ ଆସୁଅଛି । ଶେଷରେ ଅଧ୍ୟାପିକା ସଙ୍ଗୀତା ନେତାମ ଧନ୍ୟବାଦ ଅର୍ପଣ କରିଥିଲେ ।

# ଭଣ୍ଡା ଲ୍ୟାମ୍ପ୍ସ ଧାନ କିଣାରେ ଚାଷୀଙ୍କୁ ବୋଝ ଉପରେ ନଳିତା ବିଡା

ଚମ୍ପୁଆ, (ପି.ଏନ): ଉପାନ୍ତ ଚମ୍ପୁଆ ବ୍ଲକ ଅନ୍ତର୍ଗତ ଭଣ୍ଡା ଲ୍ୟାମ୍ପ୍ସ ଧାନ ମଣ୍ଡିରେ ଧାନ କିଣାରେ ଅନିୟମିତତା ହେଉଥିବା ଜଣାପଡିଛି । ସୂଚନା ଅନୁଯାୟୀ, ଭଣ୍ଡା ଲ୍ୟାମ୍ପ୍ସ କର୍ତ୍ତୃପକ୍ଷ ଧାନ କିଣିବା ସମୟରେ ଚାଷୀଙ୍କ ଧାନ ବୋରା ଓଜନର ସଠିକ ପରିମାଣ ଲେଖୁ ନ ଥିବା ବେଳେ ପ୍ରତି କ୍ୱିଂଟାଲ ରେ ୭ କିଲୋଗ୍ରାମ କାଟି ରଖୁଥିବା ଜଣା ପଡିଛି । ଯାହାକି ଚାଷୀଙ୍କ ମୁଣ୍ଡରେ ବୋଝ ଉପରେ ନଳିତା ବିଡା ସଦୃଶ । ଯାହାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ଦେଖା ଦେଇଛି କ୍ଷ ପ୍ରତି ଚାଷୀ ୬୦ କ୍ୱିଂଟାଲରୁ ଅଧିକ ଧାନ ବିକ୍ରି କରି ପାରୁ ନ ଥିବା ବେଳେ ଓଜନ କରିବା ନାମରେ ବୋରା ପ୍ରତି ଦଶ ଟଙ୍କା, ଗୋଟିଏ ବୋରା ଯଦି ୫୦କିଲୋ ୫୦୦ଗ୍ରାମ ହେଲେ ଖାତାରେ ୫୦ କିଲୋ ଗ୍ରାମ ଲେଖିବା ଓ ହିସାବ କରିବା ସହିତ କଟନୀ ଛଟନୀ ନାମରେ ୭ କିଲୋଗ୍ରାମ ଲେଖାଏଁ କଟା ଯାଉଛି ବୋଲି ଜନୈକ ଚାଷୀ ପ୍ରକାଶ କରିଛନ୍ତି । ତେବେ ସାଧାରଣତଃ ଜଣେ ଚାଷୀ ଧାର କରଜ କରି ଚଳିତ ବର୍ଷର ଅଭାବୀ ବୃଷ୍ଟିପାତ ମଧ୍ୟରେ ପ୍ରକୃତିର କୋପକୁ ସାମ୍ନା କରି ବିଭିନ୍ନ ଅସୁବିଧା ମଧ୍ୟରେ ଅମଳ କରିଥିବା ଧାନକୁ ବିକ୍ରି କଲେ ଧାର କରଜ ଶୁଝିବା ସହିତ ନିଜ ପରିବାର ପ୍ରତିପୋଷଣର ଆଶା ରଖିଥିବାବେଳେ ଏଠି ସରକାରୀ ବାବୁମାନେ ନିରୀହ ଚାଷୀଙ୍କୁ ବିଭିନ୍ନ ଆଳ ଦେଖାଇ ଶୋଷଣ କରିବା କେତେ ଦୂର ଯୁକ୍ତିଯୁକ୍ତ ତାହା ତଦନ୍ତ ସାପେକ୍ଷ । ତେଣୁ ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବୀ ହେଉଛି ।

# ରାଇରଙ୍ଗପୁର ଫ୍ରେଣ୍ଡସ୍ କର୍ଣ୍ଣର ସପିଂ ମଲରେ ଅଗ୍ନିକାଣ୍ଡ : ୨କୋଟିରୁ ଅଧିକ ମୂଲ୍ୟର ସମ୍ପତି ନଷ୍ଟ

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ପୌରପରିଷଦର ବଜାର ଗୋଲେଇ ଛକ ନିକଟରେ ଥିବା ଫ୍ରେଣ୍ଡସ୍ କର୍ଣ୍ଣର ସପିଂ ମଲରେ ଗତ ବୁଧବାର ରାତି ପ୍ରାୟ ୩ଟା ପାଖାପାଖି ଅଗ୍ନିକାଣ୍ଡ ଘଟିଥିଲା । ଖବର ପାଇ ବାମନଘାଟି ଉପଖଣ୍ଡସ୍ଥିତ ଏକ ଦମକଳ ଗାଡ଼ି ୪ଟା ପାଖାପାଖି ପହଁଚି ନିଆଁକୁ ଆୟତ କରିବାକୁ ଉଦ୍ୟମ ଚଳାଇଥିବା ସମୟରେ ଗାଡ଼ିରେ ପାଣି ଶେଷ ହୋଇଯାଇଥିଲା । ଏହାପରେ ଅନ୍ୟ ଗାଡ଼ିଗୁଡ଼ିକ ପହଁଚିବା ନିମନ୍ତେ ପ୍ରାୟ ଏକ ଘଂଟାରୁ ଅଧିକ ବିଳମ୍ବ କରିଦେଇଥିବାରୁ ନିଆଁ ସମସ୍ତ ଚାରିଆଡ଼େ ମାଡ଼ି ଯାଇଥିଲା । ପରବର୍ତି ସମୟରେ ପ୍ରାୟ ୯ରୁ ଅଧିକ ଦମକଳ ଗାଡ଼ି ଘଟଣାସ୍ଥଳରେ ପହଁଚି ନିଆଁକୁ ଆୟତ କରିବା ନିମନ୍ତେ ଆପ୍ରାଣ ଉଦ୍ୟମ ଚଳାଇଥିଲେ । ପ୍ରାୟ ୫ ଘଂଟାରୁ ଅଧିକ ସମୟ ଧରି ଅଗ୍ନିଶମ ବିଭାଗର କର୍ମଚାରୀମାନଙ୍କ ମିଳିତ ଉଦ୍ୟମ ପରେ ନିଆଁକୁ ଆୟତ କରାଯାଇ ପାରିଥିଲା । ସପିଂ ମଲରେ ଥିବା ଫ୍ରେଣ୍ଡସ୍ କର୍ଣ୍ଣର, ଫ୍ରେଣ୍ଡସ୍ ଏମ୍ପୋରିଆଲ, ଫ୍ରେଣ୍ଡସ୍ ଡ଼ିପାଟମେଂଟାଲ, ଫ୍ରେଣ୍ଡସ୍ ୟୁଟିଲିଟି ଓ ଫ୍ରେଣ୍ଡସ୍ ଗାର୍ମେଂଟ ଆଦି ୫-ଟି ବ୍ୟବସାୟ ପ୍ରତିଷ୍ଠାନରେ ଥିବା ଷ୍ଟେସନାରୀ ଓ ଗିଫ୍ଟ ସାମଗ୍ରୀ, କପଡ଼ା, ଇଲେକ୍ଟ୍ରୋନିକ୍ସ ସାମଗ୍ରୀ, ଫ୍ରିଜ୍, ଟିଭି, ମୋବାଇଲ ଆଦି ସମସ୍ତ ଜିନିଷପତ୍ର ସହ ଆସବାବପତ୍ର ପୋଡ଼ି ସମ୍ପୂର୍ଣ୍ଣ ନଷ୍ଟ ହେବା ସହିତ ସପିଂ ମଲ୍ କୋଠାଟି ପୋଡ଼ି ଯାଇଥିଲା । ଫଳରେ ମଲରେ ଥିବା ରତନ ରାମ, ମନୋହର ରାମ, ଉମେଶ ରାମ, ଅଜୟ ରାମ ଓ ରିତେଶ ରାମ ପ୍ରମୁଖ ବ୍ୟବସାୟୀମାନଙ୍କର ପ୍ରାୟ ୨ କୋଟିରୁ ଅଧିକ ମୂଲ୍ୟର ଜିନିଷପତ୍ର ଓ ଆସବାବପତ୍ର ଗୁଡ଼ିକ ଆଖି ସମ୍ମୁଖରେ ପୋଡ଼ି ପାଉଁଶ ପାଲଟି ଯାଇଥିଲା । ନିଆଁ ଲାଗିଥିବା ସପିଂ ମଲର ଅଳ୍ପ ଦୂରରେ ଥିବା ଏକ ପେଟ୍ରୋଲ ପମ୍ପ ରହିଥିବାରୁ ସେଥିରେ ଯେପରି ନିଆଁ ନ ଧରିବ ସେଥି ନିମନ୍ତେ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାରର ବ୍ୟବସ୍ଥା କରାଯାଇଥିଲା । ରାଇରଙ୍ଗପୁର ପୁଲିସ ଘଟଣାସ୍ଥଳରେ ପହଁଚି ମୁଖ୍ୟ ରାସ୍ତାକୁ ସିଲ୍ କରିଦେଇଥିଲେ । ସପିଂ ମଲରେ ଅଗ୍ନିକାଣ୍ଡ ଘଟିବାର ସଠିକ୍ କାରଣ ବର୍ତମାନ ପର୍ଯ୍ୟନ୍ତ ଜଣାପଡ଼ିନଥିବା ସମୟରେ ସଟ୍ ସର୍କିଟ୍ କାରଣରୁ ଘଟିଥାଇ ପାରେ ବୋଲି ସନ୍ଦେହ କରାଯାଇଥିବା ସମୟରେ ରାଇରଙ୍ଗପୁର ଉପଖଣ୍ଡରେ ଏହି ପ୍ରକାରର ଭୟାବହ ଅଗ୍ନିକାଣ୍ଡ ପ୍ରଥମ ଘଟଣା ବୋଲି ଜଣାପଡ଼ିଛି ।


MAHARISHI PUBLIC SCHOOL



2023-2024

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

# ଖେଳ



ପର୍ଯ୍ୟବେକ୍ଷକ
PARYABEKHYAK



Bhubaneswar Wednesday January 04, 2023 ଭୁବନେଶ୍ୱର ବୁଧବାର, ଜାନୁଆରୀ ୦୪,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com




## ୬୨ତମ ବନ୍ଦର ପ୍ରତିଷ୍ଠା ଦିବସ - ମାରାଥନ ପ୍ରତିଯୋଗିତା ଆୟୋଜିତ



ପାରାଦୀପ,(ପି.ଏନ): ପ୍ରତିବର୍ଷ ପରି ଚଳିତ ବର୍ଷ ପାରାଦୀପ ବନ୍ଦର ଜାନୁଆରୀ ୩ତାରିଖ ଦିନ ତାର ୬୨ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ୧୮ତମ ମାରାଥନ ପ୍ରତିଯୋଗିତା ଆୟୋଜନ କରିଛି । ସକାଳେ ହନୁମାନ ମନ୍ଦିର ଠାରେ ବନ୍ଦର ଅଧ୍ୟକ୍ଷ ପି.ଏଲ. ହରନାଧ ଆନୁଷ୍ଠାନିକ ଭାବେ ପତାକା ଦେଖାଇ ମାରାଥନ ପ୍ରତିଯୋଗିତାକୁ ଆରମ୍ଭ କରିଥିଲେ । ପ୍ରତିଯୋଗିମାନେ ବନ୍ଦରର ବିଭିନ୍ନ ସ୍ଥାନ ଦେଇ ୧୪ କିଲୋମିଟର ରାସ୍ତା ଅତିକ୍ରମ କରିବା ପରେ ଗୋପବନ୍ଧୁ ଷ୍ଟାଡିୟମରେ ପହ□ଥିଲେ । ଏ ବର୍ଷ ମୋଟ ୩୬୪ ପ୍ରତିଯୋଗି ଭାଗ ନେଇଥିଲେ ଯେଉଁଥିରେ ୩୧୪ ଜଣ ପୁରୁଷ ଓ ୫୦ ଜଣ ମହିଳା ପ୍ରତିଯୋଗୀ ଥିଲେ । ମାରାଥନ ପ୍ରତିଯୋଗି ମାନଙ୍କୁ ବନ୍ଦରା□ଳର ବିଭିନ୍ନ କ୍ଲବ, ସଂଗଠନ, ବିଦ୍ୟାଳୟ ତରଫରୁ ବିଭିନ୍ନ ସ୍ଥାନରେ ଉତ୍ସାହିତ କରାଯାଇଥିଲା । ଗୋପବନ୍ଧୁ ଷ୍ଟାଡିୟମ ଠାରେ ବନ୍ଦରର ମୁଖ୍ୟ ଅର୍ଥ ପରାମର୍ଶଦାତା ଡି.ଏନ୍. ସୋନ୍ଧିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ବନ୍ଦର ଅଧ୍ୟକ୍ଷ ପି.ଏଲ. ହରନାଧ କହିଥିଲେ କି ପାରାଦୀପ ବନ୍ଦର ଗତ ମାସରେ ୧୨.୨୭ ନିଉତ ମେଟ୍ରିକ ଟନ ପଣ୍ୟ କାରବାର କରି ସର୍ବକାଳୀନ ରେକର୍ଡ ସ୍ଥାପନ କରିଛି । ଆସନ୍ତା ଦିନ ମାନଙ୍କରେ ପାରାଦୀପ ବନ୍ଦର ଆହୁରି ଅନେ ରେକର୍ଡ ସ୍ଥାପନ କରିବାରେ ସଫଳ ହେବ । ବନ୍ଦର ପ୍ରଗତି ଶିଥିଳ ହେବନାହିଁ । ଏହା ପରେ ସେ ବନ୍ଦର ପ୍ରତିଷ୍ଠା ଦିବସ ଅବସରରେ ଏକ ସ୍ମରଣିକା ଉନ୍ମୋଚନ କରିଥିଲେ । ସମ୍ମାନୀତ ଅତିଥି ଇଫକୋ ପାରାଦୀପର ବରିଷ୍ଠ ମୁଖ୍ୟ ପ୍ରବନ୍ଧକ ଏସ ଡ଼ି ଶର୍ମା ଏହି ଅବସରରେ ବକ୍ତବ୍ୟ ରଖିଥିଲେ । ଚଳିତ ବର୍ଷ ବନ୍ଦର ସେବାରୁ ଅବସର ନେଉଥିବା ମୁଖ୍ୟ ଯନ୍ତ୍ରୀ ମଳୟ ଦାସଗୁପ୍ତ ଓ ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ାକ୍ତର ପ୍ରହଲ୍ଲାଦ ପଣ୍ଡାଙ୍କୁ ସମ୍ବର୍ଦ୍ଧ କରାଯାଇଥିଲା । ମାରାଥନରେ ଭାବ ନେଇ କୃତକାର୍ଯ୍ୟ ହୋଇଥିବା ପୁରଷ ଓ ମହିଳା ବର୍ଗରୁ ପ୍ରତ୍ୟେକ ୨୧ଜଣଙ୍କୁ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା । ପୁରୁଷ ବର୍ଗରେ ଓଡ଼ିଶା ପୋଲିସର ଅଶୋକ ଦଣ୍ଡସେନା ଓ ମହିଳା ବର୍ଗରେ ଖୋର୍ଦ୍ଧାର ସମ୍ ସେଦ ଆରା ବେଗମ ପ୍ରଥମ ସ୍ଥାନ ଗ୍ରହଣ କରି ମୁଖ୍ୟ ଅତିଥିଙ୍କ ଠାରୁ ପ୍ରତ୍ୟେକ ୧୪୦୦୦ ଟଙ୍କା ପୁରସ୍କାର ରାଶି ଗ୍ରହଣ କରିଥିଲେ । ସେହିପରି ପୁରୁଷ ବର୍ଗରେ ଜାମସେଦପୁର ର ଅର୍ଜୁନ ଟୁଡୁ ଓ ଲଖନ୍ ସୋରେନ ୨ୟ ଓ ୩ୟ ପୁରସ୍କାର ପାଇଥିବା ବେଳେ ମହିଳା ବର୍ଗରେ ବାଲେଶ୍ୱରର ପୂଜା ବେହେରା ଓ ମୟୁରଭଞ୍ଜର ସନ୍ଧ୍ୟା ମୁର୍ମୁ ୨ୟ ଓ ୩ୟ ପୁରସ୍କାର ରୂପେ ୭୦୦୦ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା । ଆରମ୍ଭରେ ଗୋପବନ୍ଧୁ କ୍ରୀଡ଼ା ସଂସଦର କାର୍ଯ୍ୟକାରୀ ସଭାପତି ଡ଼ାକ୍ତର ଡ଼ି ପି ସେଠୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଖେଳ ପରାମର୍ଶଦାତା ରବି ଦାସ ଧନ୍ୟବାଦ ଦେଇଥିଲେ । ପୁରସ୍କାର ବିତରଣ କାର୍ଯ୍ୟକ୍ରମ କୁ ସମ୍ପାଦକ ରଶ୍ମି ରଞ୍ଜନ ବେଉରା ପରିଚାଳନା କରିଥିଲେ ।

## ପୌରସଂସ୍ଥା ଯାତ୍ରୀନିବାସକୁ ଉପଜିଲ୍ଲାପାଳଙ୍କ ଅଫିସ ସ୍ଥାନାନ୍ତରକୁ ବିରୋଧ

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ପୌରସଂସ୍ଥା ଯାତ୍ରୀ ନିବାସକୁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥାନାନ୍ତରକୁ ବିରୋଧ କରାଯାଇ ଜିଲ୍ଲାପାଳଙ୍କ ଉଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ପିତାମ୍ବର ସାମଲଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ସେହି ଦାବିପତ୍ରରେ ଉଲ୍ଲେଖ ରହିଛି ଯେ ପ୍ରାୟ ୨୦ବର୍ଷ ତଳେ ଅଦାଲତ ନିକଟସ୍ଥ ଗୋବରୀ ନଦୀ ବାଇପାସ ରାସ୍ତା ପାର୍ଶ୍ୱରେ କେନ୍ଦ୍ରାପଡା ପୌରସଂସ୍ଥା ପକ୍ଷରୁ ଦୂର ଦୁରାନ୍ତରୁ ସହରକୁ ଆସୁଥିବା ସାଧାରଣ ଲୋକମାନଙ୍କ ରହିବା ପାଇଁ ଯାତ୍ରୀ ନିବାସ ନିର୍ମାଣ କରାଯାଇଥିଲା । ନିକଟରେ ପୌରପରିଷଦ ବୈଠକରେ କୌଣସି ଆଲୋଚନା ବା ଅନୁମୋଦନ କରାନଯାଇ ସେହି ଯାତ୍ରୀ ନିବାସକୁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପରିଣତ କରାଯିବା ପାଇଁ ଉଦ୍ୟମ ହେଉଥିବା ଅଭିଯୋଗ ହୋଇଛି ।

## ଓଡିଶା କର୍ମଜୀବୀ ସାମ୍ବାଦିକ ସଂଘ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ







ଭୂବନେଶ୍ୱର,(ପି.ଏନ): ଆଜି ଭୂବନେଶ୍ୱରସ୍ଥିତ ରେଡକ୍ରସ ଭବନଠାରେ ଓଡିଶା କର୍ମଜୀବୀ ସାମ୍ବାଦିକ ସଂଘ ଅନୁଷ୍ଠିତ ହୋଇଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ଜନପ୍ରିୟ ସାପ୍ତାହିକ ଖବରକାଗଜର ଚିଫ୍ ଏଡିଟର୍ ତଥା ବାଲେଶ୍ୱର ଶାଖାର ସଭାପତି ଶ୍ରୀଯୁକ୍ତ ଉଜ୍ଜ୍ୱଳ ଚନ୍ଦ୍ର କରଙ୍କ ବିରୋଧରେ ବହୁ ସଙ୍ଗୀନ ଅଭିଯୋଗ ଯଥା ଅର୍ଥନୈତିକ ଅନିୟମିତତା, ସ୍ୱେଚ୍ଛାଚାରୀ କାର୍ଯ୍ୟଶୈଳୀ ଓ ପରିଶେଷରେ ସଂଘ ବିରୋଧ କାର୍ଯ୍ୟରେ ଲିପ୍ତ ଥିବାର ଜ୍ୱଳନ୍ତ ପ୍ରମାଣ ପାଇ ସର୍ବସମ୍ମତିକ୍ରମେ ତାଙ୍କୁ ବହିଷ୍କାର କରାଯିବା ସଙ୍ଗେ ସଙ୍ଗେ ଆଗାମୀ ନିର୍ବାଚନ ପର୍ଯ୍ୟନ୍ତ ବରିଷ୍ଠା ସାମ୍ବାଦିକା ଶ୍ରୀମତୀ ଶ୍ରଦ୍ଧାଳୀ ରାୟଙ୍କୁ କାର୍ଯ୍ୟକାରୀ ସଭାପତି ଓ ସରୋଜ ପଣ୍ଡାଙ୍କୁ କାର୍ଯ୍ୟକାରୀ ସମ୍ପାଦକ ଭାବରେ ଚୟନ କରାଗଲା ବୋଲି ଏଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଥିଲେ ରାଜ୍ୟ ସଭାପତି ଶ୍ରୀ ସୁଜ୍ଞାନ ଚୌଧୂରୀ । ଅନ୍ୟମାନଙ୍କ ମଧ୍ୟରେ ସାଧାରଣ ସମ୍ପାଦକ ପବିତ୍ର କୁମାର ପାତ୍ର, ଉପ-ସଭାପତି ଆଶୁତୋଷ ରଥ, ପୁରୀ ଜିଲ୍ଲା ସଭାପତି ଶରତ କୁମାର ପରିଡା, କୋଷାଧ୍ୟକ୍ଷ ପ୍ରମୋଦ କିଶୋର ପରିଡା ପ୍ରମୁଖ ଉପସ୍ଥିତ ଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ଉଭୟ ମୁଦ୍ରଣ ଓ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗ ଦେଇଥିଲେ ।

## ବୃକ୍ଷ ଚାରା ବଣ୍ଟନ ଓ ରୋପଣ କରି ପାଳନ କଲେ ଇଂରାଜୀ ନବ ବର୍ଷ





ବାଲିଅନ୍ତା(ପି.ଏନ): ଖୋର୍ଦ୍ଧା ଜିଲ୍ଲା ବାଲିଅନ୍ତା ବ୍ଲକ ଅନ୍ତର୍ଗତ ଉମାଦେ଼ଇ ବ୍ରହ୍ମପୁର ଗ୍ରାମପଞ୍ଚାୟତ ଟଙ୍କପାଣି କୁଆଖାଇ ସେତୁ ନିକଟରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ଜୟଦେବ ନିର୍ବାଚ଼ନ ମଣ୍ଡଳୀର ଅଗ୍ରଣୀ ପରିବେଶ ସୁରକ୍ଷା ପାଇଁ କାର୍ଯ୍ୟ କରିଆସୁଥିବା ସାମାଜିକ ଅନୁଷ୍ଠାନ 'ଗ୍ରୀନ ଜୟଦେବ ଫାଉଣ୍ଡେସନ ଟ୍ରଷ୍ଟ ' ପକ୍ଷରୁ ଇଂରାଜୀ ନବବର୍ଷରେ ଜନସାଧାରଣ ଙ୍କୁ ବୃକ୍ଷ ବଣ୍ଟନ ସହିତ ଚ଼ାରା ରୋପଣ କରି ୨୦୨୩ ନୂଆ ବର୍ଷର ଶୁଭେଚ଼୍ଛା ଜଣାଇଲେ । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ବିଧୁଭୂଷଣ ପଟ୍ଟନାୟ ଯୋଗଦେଇ ବର୍ତ୍ତମାନ ଜଳବାୟୁ ପରିବର୍ତ୍ତନରେ ଗଛର ଆବଶ୍ୟକ ସମ୍ପର୍କରେ ସୂଚ଼ନା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରକାରର ୨୦୦ ଚ଼ାରା ବଣ୍ଟନ କର ଯାଇଥିଲା । ଅନୁଷ୍ଠାନରୁ ମୁଖ୍ୟ ଟ୍ରଷ୍ଟି ପ୍ରକୃତିବନ୍ଧୁ ଦିନବନ୍ଧୁ ଭୋଇଙ୍କ ସମେତ ଅନ୍ୟମାନଙ୍କ ମଧ୍ୟରେ ପ୍ରିୟବ୍ରତ ପାତ୍ର, ହରିହର ମହାରଣା , ବିଷ୍ଣୁଚ଼ରଣ ସାହୁ,ଗୋବିନ୍ଦ ବେହେରା , ଗୋଲେଖ ବେହେରା , ସଂଜିତ ପଟ୍ଟନାୟକ ସମତେ ଜୟ ଜଗନ୍ନାଥ ମିଶନ ର ଅନେକ ଛାତ୍ର ଛାତ୍ରୀ ମଧ ଯୋଗ ଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

## ପାରାଦୀପ ବନ୍ଦର ଲଙ୍ଗରରେ ଥିବା ଜାହାଜରେ ରୁଷିୟ କର୍ମଚାରୀଙ୍କ ମୃତ୍ୟୁ

ପାରାଦୀପ,(ପି.ଏନ): ପାରାଦୀପ ବନ୍ଦରକୁ ପ୍ରବେଶ ପାଇଁ ସମୁଦ୍ରରେ ଲଙ୍ଗର ପକାଇ ଅପେକ୍ଷା କରିଥିବା ଏମଭି ଅଲ୍‌ଦନାହ ନାମକ ଜାହାଜର ଇଂଜିନିୟର ରୁଷ ନାଗରୀକ ମିଲ୍ୟାକୋଭ ସର୍ଜେ(୫୧)ଙ୍କର ଜାହାଜ କୋଠରୀ ମଧ୍ୟରେ ମଙ୍ଗଳବାର ଭୋର ପ୍ରାୟ ୪.୩୦ମିନିଟ୍ ସମୟରେ ସନ୍ଦେହ ଜନକ ଭାବେ ମୃତ୍ୟୁ ହୋଇଛି । ତେବେ ଆଙ୍କରେଜରେ ଥିବା ଏହି ଜାହାଜରୁ ମୃତ ଦେହ ଉଦ୍ଧାର କରି ଶବ ବ୍ୟବଛେଦ ପାଇଁ ପ୍ରୟାସ ଜାରୀ ରହିଛି । ତେବେ ଏବାବଦରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ. ହରନାଧ ଜାହାଜର ରୁଷ କର୍ମଚାରୀଙ୍କ ମୃତ୍ୟୁ ଘଟଣାକୁ ସ୍ୱୀକାର କରିବା ସହ ଏସମ୍ପର୍କରେ ଅନୁସନ୍ଧାନ ଜାରୀ ରହିଥିବା ସୂଚନା ଦେଇଛନ୍ତି ।

## କେନ୍ଦ୍ରାପଡା କଲେଜ ପ୍ରାକ୍ତନ ଅଧ୍ୟକ୍ଷଙ୍କ ବିୟୋଗରେ ଶୋକ

କେନ୍ଦ୍ରାପଡ଼ା, (ପି.ଏନ): କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଓଡିଆ ବିଭାଗର ପ୍ରାଧ୍ୟାପକ ତଥା ପୂର୍ବତନ ଅଧ୍ୟକ୍ଷ ଡଃ. କିଶୋର ଚନ୍ଦ୍ର ସାହୁଙ୍କର ସୋମବାର ବିଳମ୍ବିତ ରାତିରେ କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ହୃଦଘାତରେ ୮୭ବର୍ଷ ବୟସରେ ବିୟୋଗ ହୋଇଯାଇଛି । ସ୍ୱର୍ଗତ ସାହୁଙ୍କ ମରଶରୀରକୁ ମଙ୍ଗଳବାର ସକାଳେ ମହାବିଦ୍ୟାଳୟ କ୍ୟାମ୍ପସ ପରିକ୍ରମା କରାଯାଇଥିଲା । ମହାବିଦ୍ୟାଳୟ ପକ୍ଷରୁ ଭାରପ୍ରାପ୍ତ ଅଧ୍ୟକ୍ଷ, ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ସ୍ୱର୍ଗତ ସାହୁଙ୍କ ମରଶରୀରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଏହି ଉପଲକ୍ଷେ ଅଧ୍ୟକ୍ଷଙ୍କ ପ୍ରକୋଷ୍ଠରେ ଏକ ଶୋକସାଭା ଅନୁଷ୍ଠିତ ହୋଇଥିଲା । ଅଧ୍ୟକ୍ଷଙ୍କ ଦାୟିତ୍ୱରେ ଥିବା ବରିଷ୍ଠ ପ୍ରାଧ୍ୟାପକ ଦେବେନ୍ଦ୍ର ନାଥ ଗୋଛାୟତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶୋକସଭାରେ ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ନନ୍ଦ କିଶୋର ପରିଡା, ଅଧ୍ୟାପକ ଅଶୋକ କୁମାର ଦାସ, ରଞ୍ଜିତ କୁମାର ଦାସ, ଜ୍ଞାନୀନ୍ଦ୍ର ଦାଶଙ୍କ ସମେତ କଲେଜର ସମସ୍ତ ଅଧ୍ୟାପକ, ଅଧ୍ୟାପିକାଙ୍କ ସମେତ ପ୍ରାକ୍ତନ ଛାତ୍ର ରାଜେଶ ପଣ୍ଡା ପ୍ରମୁଖ ଯୋଗଦେଇ ପ୍ରାକ୍ତନ ଅଧ୍ୟକ୍ଷ ସ୍ୱର୍ଗତ ସାହୁଙ୍କ ବିୟୋଗରେ ଶୋକବ୍ୟକ୍ତ କରାଯାଇ ତାଙ୍କ ଅମର ଆତ୍ମାର ସଦଗତି କାମନା ପୂର୍ବକ ଏଭଳି ସମୟରେ ତାଙ୍କ ପରିବାରଜନଙ୍କୁ ପ୍ରଭୁ ଶ୍ରୀବଳଦେବଜୀଉ ସହାୟ ହୁଅନ୍ତୁ ବୋଲି କାମନା କରାଯାଇଥିଲା । ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ଝିଅ ଲକ୍ଷ୍ମୀପ୍ରିୟା ନାୟକ, ଜାମାତା ଡଃ. ଚିତ୍ତରଞ୍ଜନ ନାୟକ, ଡଃ. ସୁରେନ୍ଦ୍ର କୁମାର ମଲ୍ଲିକ, ବିବେକାନନ୍ଦ ମହାନ୍ତିଙ୍କ ସମେତ ପୁତୁରା ଓ ଝିଆରୀମାନେ ଉପସ୍ଥିତ ଥିଲେ । ୨୦୦୩ ମସିହାରେ ଅବସର ଗ୍ରହଣ କରିଥିବା ଡଃ. ସାହୁ ବିଭିନ୍ନ ସାମାଜିକ ଅନୁଷ୍ଠାନ ଓ ସମମାଜସେବା କାର୍ଯ୍ୟରେ ନିୟୋଜିତ ଥିଲେ । ଜଣେ ଛାତ୍ରବତ୍ସଳ ଅଧ୍ୟାପକ ଭାବରେ ସେ ପରିଚିତ ଥିଲେ । ତାଙ୍କ ବିୟୋଗରେ ଆଖପାଖ ଅ□ଳରେ ଶୋକର ଛାୟା ଖେଳି ଯାଇଛି । ଜିଲ୍ଲା ପ୍ରତିଭା ପୂଜା ସଂସଦ ସଭାପତି ପ୍ରଦିପ କୁମାର ମହାନ୍ତି, ରାଜେଶ ପଣ୍ଡାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ତାଙ୍କ ନାତି ପୁଣ୍ୟଶ୍ଳୋକ ନାୟକ ମୁଖାଗ୍ନି ଦେଇଥିଲେ । ଶେଷକୃତ୍ୟରେ ତାଙ୍କ ପ୍ରିୟ ଶିଷ୍ୟ ପରମହଂସ ପ୍ରଜ୍ଞାନାନନ୍ଦଜୀ ଯୋଗଦେଇଥିଲେ ।

## ଗବବସ୍ତ ହାଇସ୍କୁଲର ହୀରକ ଜୟନ୍ତୀ ସମାରୋହ





ଫୁଲନଖରା, (ପି.ଏନ):ବାରଙ୍ଗ ବ୍ଲକ ସାଇଁଶୋ ପଞ୍ଚାୟତ ଅନ୍ତର୍ଗତ ଗବବସ୍ତଠାରେ ଥିବା ଗବବସ୍ତ ସରକାରୀ ହାଇସ୍କୁଲର ହୀରକ ଜୟନ୍ତୀ ସମାରୋହ ପାଳିତ ହୋଇଛି । ଏହି ଉପଲକ୍ଷେ ଆୟୋଜିତ ସଭାରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ବୌଦ୍ଧିକ ଓ ନୈତିକ ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ । ରାଜ୍ୟ ସରକାରଙ୍କ 'ମୋ ସ୍କୁଲ ଅଭିଯାନ' ଅଧ୍ୟକ୍ଷା ସୁସ୍ମିତା ବାଗଚି ମୁଖ୍ୟବକ୍ତାଭାବେ ଉପସ୍ଥିତ ରହି ସରକାରଙ୍କଦ୍ୱାରା ପ୍ରବର୍ତ୍ତିତ ଶିକ୍ଷା ସମ୍ପର୍କିତ କାର୍ଯ୍ୟକ୍ରମ ବାବଦରେ ସୂଚନା ଦେଇଥିଲେ । ପୁରାତନ ଛାତ୍ର ସଂସଦଦ୍ୱାରା ସ୍କୁଲ ପରିସରରେ ଆୟୋଜିତ ଏହି ଉତ୍ସବରେ ଜିଲା ଶିକ୍ଷାଧିକାରୀ କୃଷ୍ଣଚନ୍ଦ୍ର ନାୟକ ଓ ପ୍ରଧାନ ଶିକ୍ଷୟିତ୍ରୀ ସରୋଜିନୀ ସାମନ୍ତରାୟ ମଞ୍ଚାସୀନ ଥିଲେ । ପୁରାତନ ଛାତ୍ର ସଂସଦ କାର୍ଯ୍ୟନିର୍ବାହୀ ସଭାପତି ପ୍ରଭାକର ମହାନ୍ତି ଅତିଥି ପରିଚୟ ଓ ବିବରଣୀ ପାଠ କରିଥିଲେ । ଏହି ଅବସରରେ ନୂତନ ପାଠାଗାର ରାଜ୍ୟପାଳଙ୍କଦ୍ୱାରା ଉଦଘାଟନ ହୋଇଥିଲା । ଜାଫର ଆକବରୀ, ସଫିକ ସିଦ୍ଦିକି ଓ ଦିଗମ୍ବର ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲାବେଳେ ସଂସଦର ସ୍ମରଣିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ । ଦେବଦତ୍ତ ଦାସ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ । ଉତ୍ସବରେ ବାରଙ୍ଗ ବିଡ଼ିଓ, ଜିଲା ଲୋକ ସମ୍ପର୍କ ଅଧିକାରୀ, ସ୍ଥାନୀୟ ସରପଞ୍ଚ ଓ ବହୁ ସଂଖ୍ୟକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ପୁରାତନ ଶିକ୍ଷକ, ଶିକ୍ଷାବିତ, ବୁଦ୍ଧିଜୀବୀ ଓ ମୁରବିଙ୍କୁ ସମ୍ମାନିତ କରାଯାଇଥିଲା । ଚକ୍ରଧର ବେହେରା, ଦିଲୀପ ସାମନ୍ତରାୟ, ଚନ୍ଦ୍ରକାନ୍ତ ଜେନା, ଜୟନ୍ତକେଶରୀ ପାତ୍ର, ଦିଲୀପ ମହାରଣା, ପ୍ରଦ୍ୟୁମ୍ନକୁମାର ପାତ୍ର, ଶାହନୱାଜ ଖାଁ, ବିଶ୍ୱଲୋପା ପାତ୍ର, ଗୋବିନ୍ଦଚନ୍ଦ୍ର ପାତ୍ର, କବିରୁଦ୍ଦିନ ଖାଁ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ ଓ ଅନ୍ୟମାନେ ସହଯୋଗ କରିଥିଲେ । ଶେଷରେ ପିଲାମାନଙ୍କଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE
- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM



MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray